ଆଜି - ରବିବାର
ତାରିଖ - ୧୦ ମଇ ୨୦୨୬
ମାସ - ମେଷ, ଦିନ - ୨୭
ତିଥି - ଅଷ୍ଟମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଧନିଷ୍ଠା, ମକର, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୦୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 41 ISSUE- 26 R.N.I. REGD. No. 44026/86 ବାଲେଶ୍ୱର ୧୦ ମଇ ୨୦୨୬ ରବିବାର BALASORE 10 MAY 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ଯେଉଁ ଦିନ ତୁମେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନଥାଅ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ତୁମେ କୌଣସି ଭୁଲ୍ ବାଟରେ ଯାଉଛ ।"

- ସ୍ୱାମୀ ବିବେକାନନ୍ଦ

# ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଶୁଭେନ୍ଦୁ ଅଧିକାରୀ



କୋଲକାତା : ପଶ୍ଚିମବଙ୍ଗ ରାଜନୀତିରେ ଆଜି ଏକ ନୂତନ ଯୁଗର ଆରମ୍ଭ ହୋଇଛି । ଦୀର୍ଘ ୧୫ ବର୍ଷର ଟିଏମସି ଶାସନର ଅନ୍ତ ଘଟାଇ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟର ପରବର୍ତୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । କୋଲକାତାର ଐତିହାସିକ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ରାଜ୍ୟପାଳ ଆର.ଏନ. ରବି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱତନ୍ତ୍ର ଭାବେ ଯୋଗ ଦେଇ ଶୁଭେନ୍ଦୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହିତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନ, ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ଦଳର ଅନେକ ଶୀର୍ଷ ନେତୃତ୍ୱ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗଣତାନ୍ତ୍ରିକ ପ୍ରୋଟୋକଲ୍ ଅନୁଯାୟୀ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମଧ ନିମନ୍ତ୍ରଣ କରାଯାଇଥିଲା । ଏହି ନିର୍ବାଚନରେ ବିଜେପି ୨୯୪ଟି ଆସନ ବିଶିଷ୍ଟ ବିଧାନସଭାରେ ୨୦୭ଟି ଆସନ ଜିତି ପ୍ରଚଣ୍ଡ ବହୁମତ ହାସଲ କରିଛି । ଅନ୍ୟପଟେ ମମତା ବାନାର୍ଜୀଙ୍କ ଟିଏମସି ମାତ୍ର ୮୦ଟି ଆସନରେ ସୀମିତ ରହିଯାଇଛି । ସବୁଠାରୁ ବଡ଼ କଥା ହେଉଛି, ଶୁଭେନ୍ଦୁ ଅଧିକାରୀ ଭବାନୀପୁର ଆସନରେ ସ୍ୱୟଂ ମମତା ବାନାର୍ଜୀଙ୍କୁ ପରାସ୍ତ କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ । ଗତ ୮ ମେ'ରେ ଅମିତ ଶାହ କୋଲକାତା ଗସ୍ତ ସମୟରେ ବିଧାୟକ ଦଳର ବୈଠକରେ ଶୁଭେନ୍ଦୁଙ୍କ ନାମ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରିଥିଲେ । ଏହା ପରେ ଶୁଭେନ୍ଦୁ ରାଜ୍ୟପାଳଙ୍କୁ ଭେଟି ବିଧାୟକମାନଙ୍କ ସମର୍ଥନ ପତ୍ର ପ୍ରଦାନ କରି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ । 'ବଙ୍ଗଳାର ବିକାଶ ଏବଂ ସୁଶାସନ ହିଁ ଆମର ପ୍ରାଥମିକତା ହେବ' - ଶପଥ ଗ୍ରହଣ ପରେ ଶୁଭେନ୍ଦୁ ଅଧିକାରୀ ନିଜ ପ୍ରତିକ୍ରିୟାରେ ଏହା କହିଛନ୍ତି । ଏହି ପରିବର୍ତନ ପରେ ପଶ୍ଚିମବଙ୍ଗରେ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ତଥା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିରେ ବଡ଼ ସୁଧାର ଆସିବ ବୋଲି ଆଶା କରାଯାଉଛି ।

## ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

କୋଲକାତା : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ



ଭାବରେ ଶପଥ ଗ୍ରହଣ କରିଥିବା ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀ ଶୁଭେନ୍ଦୁ ଅଧିକାରୀ ଜଣେ ନେତା ଭାବରେ ଏକ ଛାପ ସୃଷ୍ଟି କରିଛନ୍ତି । ସେ ଲୋକଙ୍କ ସହିତ ଘନିଷ୍ଠ ଭାବରେ ଜଡିତ ଅଛନ୍ତି ଏବଂ ସେମାନଙ୍କ ଆକାଂକ୍ଷାକୁ ଅତି ନିକଟରୁ ବୁଝିଛନ୍ତି । ଶ୍ରୀ ମୋଦୀ ତାଙ୍କୁ ଆଗାମୀ ଫଳପ୍ରଦ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ମଧ ଜଣାଇଛନ୍ତି । ସେହିପରି ପଶ୍ଚିମବଙ୍ଗ ସରକାରରେ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିବା ଶ୍ରୀ ଦିଲୀପ ଘୋଷ, ଶ୍ରୀମତୀ ଅଗ୍ନିମିତ୍ର ପଲ, ଶ୍ରୀ ଅଶୋକ କୀର୍ତନିଆ, ଶ୍ରୀ ଖୁଦିରାମ ଟୁଡୁ ଏବଂ ଶ୍ରୀ ନିଶିଥ ପ୍ରମାଣିକଙ୍କୁ ମଧ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହି ନେତାମାନେ ତୃଣମୂଳ ସ୍ତରରେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ଏବଂ ଲୋକଙ୍କ ସେବା କରିଛନ୍ତି । ସେମାନେ ମନ୍ତ୍ରୀ ଭାବରେ ପଶ୍ଚିମବଙ୍ଗର ବିକାଶ ଯାତ୍ରାକୁ ଆହୁରି ମଜବୁତ କରିବେ ବୋଲି ସେ ବିଶ୍ୱାସ ପ୍ରକାଶ କରିବା ସହିତ ସେମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି; "ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିବା ଶ୍ରୀ ଶୁଭେନ୍ଦୁ ଅଧିକାରୀ ଜୀଙ୍କୁ ଅଭିନନ୍ଦନ । ସେ ଜଣେ ନେତା ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଏବଂ ଲୋକଙ୍କ ସହିତ ଘନିଷ୍ଠ ଭାବରେ ଜଡିତ ଅଛନ୍ତି । ଅତି ନିକଟରୁ ସେ ଲୋକଙ୍କ ଆକାଂକ୍ଷାକୁ ବୁଝିଛନ୍ତି । ଆଗାମୀ ଫଳପ୍ରଦ କାର୍ଯ୍ୟକାଳ ପାଇଁ ତାଙ୍କୁ ମୋର ଶୁଭକାମନା । "ପଶ୍ଚିମବଙ୍ଗ ସରକାରରେ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିବା ପାଇଁ ଦିଲୀପ ଘୋଷ ଜୀ, ଅଗ୍ନିମିତ୍ର ପାଉଲ ଜୀ, ଅଶୋକ କୀର୍ତ ନିଆ ଜୀ, ଖୁଦିରାମ ଟୁଡୁ ଜୀ ଏବଂ ନିଶି ଥ ପ୍ରମାଣିକ ଜୀଙ୍କୁ

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଶୁଭେନ୍ଦୁ ଅଧିକାରୀଙ୍କୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦରେ ଶପଥ ଗ୍ରହଣ କରିବାରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ୍ ମିଡିଆରେ ସେୟାର୍ କରାଯାଇଥିବା ବାର୍ତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେନ୍ଦୁ ଅଧିକାରୀଙ୍କୁ ହୃଦୟପୂର୍ଣ୍ଣ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ତାଙ୍କର ଗତିଶୀଳ ନେତୃତ୍ୱ ଏବଂ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ପଶ୍ଚିମବଙ୍ଗ ପ୍ରଗତି, ସମୃଦ୍ଧି ଓ ଜନକଲ୍ୟାଣମୂଳକ ସୁଶାସନର ଏକ ନୂତନ ଯୁଗରେ ପ୍ରବେଶ କରିବ । ମୁଖ୍ୟମନ୍ତ୍ରୀ ମାଝୀ ଆଶା ବ୍ୟକ୍ତ କରିଛନ୍ତି ଯେ, ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ରାଜ୍ୟରେ ବ୍ୟାପକ ଉନ୍ନତି ହେବ ଏବଂ ଲୋକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ । ସେ ନବଗଠିତ ସରକାରର ସଫଳ ଓ ପ୍ରଭାବଶାଳୀ କାର୍ଯ୍ୟକାଳ ପାଇଁ ମଧ ଶୁଭେଚ୍ଛା ଜଣାଇଛନ୍ତି ।

## ବାଲିଅନ୍ତା ଘଟଣାର କ୍ରାଇମ୍‌ବ୍ରାଂଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆଜି ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଭୁବନେଶ୍ୱର ବାଲିଅନ୍ତା ଅଂଚଳରେ ହୋଇଥିବା ଭିଡ଼ ହତ୍ୟା ବା ମବ୍ ଲିଂଚିଙ୍ଗ୍ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଘଟଣା ସମ୍ପର୍କରେ ସବିସ୍ତୃତ ଆଲୋଚନା କରିବା ପରେ କ୍ରାଇମ୍‌ବ୍ରାଂଚ୍ ଦ୍ୱାରା ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଂଚ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଘଟଣାର ଯେଭଳି ପୁନରାବୃତି ନ ହୁଏ, ସେଥିପାଇଁ ପୋଲିସ ମହାନିର୍ଦ୍ଦେଶକ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଥିଲେ । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ ଆର.ପି. କୋଚ୍ଚେ, ଅତିରିକ୍ତ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ଶ୍ରୀ ସଞ୍ଜୟ କୁମାର, ଏ.ଡି.ଜି କ୍ରାଇମବ୍ରାଂଚ୍ ଶ୍ରୀ ବିନୟତୋଷ ମିଶ୍ର, ପୋଲିସ କମିଶନର ଶ୍ରୀ ଏସ. ଦେବଦତ ସିଂହ ଏବଂ ଡ଼ି.ସି.ପି ଶ୍ରୀ ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତୀୟ ଜନତା ପାର୍ଟିର ମୂଳ ବିଚାରକ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବିଚାରଧାରା ଆଜି ତାଙ୍କ ନିଜ ମାତୃଭୂମିରେ ସେବା କରିବାର ସୁଯୋଗ ପାଇଛି : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର/ଭୁବନେଶ୍ୱର : ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ବିଜୟ କେବଳ ଏକ ରାଜନୈତିକ ସଫଳତା ନୁହେଁ, ବରଂ ଏହା ୧୯୦୫ ମସିହାର ବଙ୍ଗଭଙ୍ଗ ସମୟରୁ ଜନମାନସରେ ଥିବା ବେଦନା ଓ ଅସନ୍ତୋଷର ଏକ ଦୃଢ଼ ପ୍ରତିଜବାବ ବୋଲି ଗଣମାଧ୍ୟମକୁ ଏ ସମ୍ପର୍କତ ପ୍ରଶ୍ନର ଉତରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଆହୁରି ମଧ କହିଛନ୍ତି, ବିଗତ ପ୍ରାୟ ୧୨୦ ବର୍ଷ ଧରି ବହୁସଂଖ୍ୟକ ସମାଜ ଯେଉଁ ଅଣଦେଖାର ଶିକାର ହୋଇଥିଲା, ଆଜି ସେହି ସମାଜ ନିଜର ମନକଥା ପ୍ରକାଶ କରିଛି । ପଶ୍ଚିମବଙ୍ଗର



ଜନସାଧାରଣ ଅନୁପ୍ରବେଶକାରୀ, ବେରୋଜଗାରୀ ଏବଂ ମହିଳା ଅସୁରକ୍ଷିତତା ବିରୁଦ୍ଧରେ ମତ ଦେବା ସହ ସ୍ୱାବଲମ୍ବନ ଓ ବିକାଶ ସପକ୍ଷରେ ନିଷ୍ପତି ନେଇଛନ୍ତି । ଭାରତୀୟ ଜନତା ପାର୍ଟିର ମୂଳ ବିଚାରକ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବିଚାରଧାରା ଆଜି ତାଙ୍କ ନିଜ ମାତୃଭୂମିରେ ସେବା କରିବାର ସୁଯୋଗ ପାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ 'ଡବଲ ଇଞ୍ଜିନ' ସରକାର ଏବେ ବଙ୍ଗଳାରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବ । ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ଜୟନ୍ତୀ ଭଳି ଏକ ପବିତ୍ର ସାଂସ୍କୃତିକ ଅବସରରେ ଏହି ନୂତନ ସରକାରର ଗଠନ ବଙ୍ଗଳା ପାଇଁ ଏକ ଶୁଭ ସଂକେତ । ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଜଣେ ତୃଣମୂଳ ସ୍ତରର ଜନନେତା ଭାବେ ବର୍ଣ୍ଣନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ତାଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ପୁନର୍ବାର ବୌଦ୍ଧିକ ଓ ସାଂସ୍କୃତିକ କେନ୍ଦ୍ର ଭାବେ ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହେବ । ଶିକ୍ଷା, ନବସୃଜନ ଏବଂ ଯୁବ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ନୂତନ କୀର୍ତିମାନ ସ୍ଥାପନ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି । ସୂଚନାଯୋଗ୍ୟ, ଆଜି କୋଲକାତା ଠାରେ ଅନୁଷ୍ଠିତ ଏହି ଭବ୍ୟ ଶପଥ ଗ୍ରହଣ ସମାରୋହରେ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜେ ସାମିଲ ହୋଇଥିଲେ ।

## ଅଳ୍ପରେ ଖବର

- ପଞ୍ଜାବର ଶିକ୍ଷମନ୍ତ୍ରୀ ସଞ୍ଜୀବ ଅରୋଡ଼ା ପୁନର୍ବାର ଇଡିର ସ୍କାନରକୁ ଆସିଛନ୍ତି । ଶନିବାର ସକାଳୁ ଇଡିର ଟିମ ସଞ୍ଜୀବ ଅରୋଡ଼ାଙ୍କ ଚଣ୍ଡୀଗଡ଼ ଓ ଦିଲ୍ଲୀସ୍ଥିତ ଠିକଣାଗୁଡ଼ିକରେ ଏକାସାଥିରେ ଚଢ଼ାଉ କରିଛନ୍ତି ।
- ବୀରତ୍ୱ ଏବଂ ସ୍ୱାଭିମାନର ଅମର ପ୍ରତୀକ ମହାରାଣା ପ୍ରତାପଙ୍କ ଜନ୍ମବାର୍ଷିକୀରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅନ୍ୟାନ୍ୟ କେନ୍ଦ୍ର ମନ୍ତ୍ରୀମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ୨୦ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଆଶଙ୍କା



ଭୁବନେଶ୍ୱର: ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ । ସମୁଦ୍ର ପତନ ଠାରୁ ଦେଢ଼ କିମି ଉଚ୍ଚ ଯାଏଁ ଘୂର୍ଣ୍ଣିବଳୟ ବ୍ୟାପିଛି । ଭାରତୀୟ ପାଣିପାଗ ବିଭାଗ ସୂଚନାନୁଯାୟୀ, ଏହି ଘୂର୍ଣ୍ଣିବଳୟ ଆହୁରି ଘନୀଭୂତ ହୋଇ ୧୨ କିମ୍ବା ୧୩ ତାରିଖ ବେଳକୁ ଲଘୁଚାପର ରୂପ ନେଇପାରେ । ପରେ ଏହା ଅବପାତର ରୂପ ନେବାର ପୂର୍ବାନୁମାନ କରିଛି ବିଭାଗ । ତେବେ ଏହା ବାତ୍ୟା ରୂପ ନେବାର ସମ୍ଭାବନା କମ୍ ରହିଥିବା ଆଇଏମ୍ ଡି ପକ୍ଷରୁ କୁହାଯାଇଛି । ଆଜି ୨୦ଟି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି । ସେହିପରି ଅପରାହ୍ନ ରେ ଖୋର୍ଦ୍ଧା (ଭୁବନେଶ୍ୱର), ପୁରୀ, ଢେଙ୍କାନାଳ, ଗଞ୍ଜାମ, ବାଲେଶ୍ୱର, ନୟାଗଡ ଏବଂ ଅନୁଗୁଳ ପାଇଁ ଏକ ହଳଦିଆ ସତର୍କତା ମଧ ଜାରି କରିଛି ବିଭାଗ । ତିନି ଘଂଟା ମଧରେ ଏହି ଜିଲ୍ଲାଗୁଡ଼ିକରେ ବଜ୍ରପାତ ସହିତ ଝଡ଼ବର୍ଷା, ଘଂଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବହିବା ସହିତ ହାଲୁକାରୁ ମଧମ ବର୍ଷା ହୋଇପାରେ । ତେବେ ପାଗ ଉପରେ ନଜର ରଖିବାକୁ ଏବଂ ବଜ୍ରପାତରୁ ନିଜକୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ଯିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

## ରାଜ୍ୟରେ ପ୍ରତିଷ୍ଠା ହେବ ୭ଟି ମହିଳା ଫାଷ୍ଟଟ୍ରାକ୍ ଏବଂ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ : ମନ୍ତ୍ରୀ

ଭୁବନେଶ୍ୱର: ସାଇବର ଅପରାଧର ତ୍ୱରିତ ବିଚାର ପାଇଁ ଖୋଲାଯିବ ସ୍ୱତନ୍ତ୍ର କୋର୍ଟ । ଓଡ଼ିଶାରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା । ଏନେଇ ସୂଚନା ଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ରାଜ୍ୟ, ଦେଶ ତଥା ବିଶ୍ୱ ଦୃଷ୍ଟିକୋଣରୁ ଅବଲୋକନ କଲେ ଜନସଂଖ୍ୟା ସହ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅନେକ ପରିବର୍ତନ ଘଟୁଛି । ବର୍ତମାନ ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ତଥା ଦେଶରେ ଯୁବପିଢ଼ିଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୦ ଭାଗରୁ ଅଧିକ ରହିଛି । ତେବେ ଆଗାମୀ ଦିନରେ ଏହି ସଂଖ୍ୟାରେ ପରିବର୍ତନ ସହ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଯାଉଛି । ଏଣୁ ଆମକୁ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଆଜି ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ)ର ମିଳିତ




ଆନୁକୂଲ୍ୟରେ ଅନୁଷ୍ଠିତ 'ଜନସାଂଖ୍ୟିକ ପରିବର୍ତନ ଓ ଆଇନ ବ୍ୟବସ୍ଥା: ଉଦୟମାନ ମାନବୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ହରିଚନ୍ଦନ କହିଲେ ଯେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ନେଇ ଆମ ବିଧି ବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ପଡ଼ିବ । ଏଥି ପାଇଁ ଗ୍ରାମାଂଚଳରେ ବସବାସ କରୁଥିବା ସାଧାରଣ ଜନତା, ୬୨ ଜନଜାତି ସମୁଦାୟ, ୧୩ଟି ପିଭିଟିଜି ବର୍ଗଙ୍କ ସ୍ଥିତିକୁ ନଜରକୁ ନେବାକୁ ପଡ଼ିବ । ତେଣୁ ଜନସଂଖ୍ୟା ଦୃଷ୍ଟିରୁ ସବୁ ଜିଲ୍ଲା, ସବୁ ଅଂଚଳ ଏବଂ ସବୁ ସମୁଦାୟଙ୍କୁ ଅନୁଶୀଳନ କରି ଯୋଜନା ପ୍ରସ୍ତୁତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନୀୟ ଭାଷାରେ ନିଜ ଅଧିକାର ସହ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଯୁବକେନ୍ଦ୍ରିକ ନୀତି ପ୍ରଣୟନ ଉପରେ ସରକାର ବିଚାର କରୁଛନ୍ତି । ଅନ୍ୟ ପକ୍ଷରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ ? କୋର୍ଟ ସହ ସାଇବର ଅପରାଧକୁ ରୋକିବା ଏବଂ ତୁରନ୍ତ ଦଣ୍ଡବିଧାନ ନିମିତ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି । ତେଣୁ କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ୍ ?ମ୍ୟାପ୍ ?କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।





# ରକ୍ତବୀର ସେବା ସମ୍ମାନ ସମାରୋହ ଆୟୋଜିତ




ବାଲେଶ୍ୱର(ନି.ପ୍ର.)ଆଜି ଓଟି ରୋଡ ସ୍ଥିତ ଉଦ୍ୟୋଗ ଭବନରେ ଯୁବନେତା ତଥା ଯୁବ ବାଲେଶ୍ୱରର ସଭାପତି ସିମନ ଦାସ ମହାପାତ୍ରଙ୍କ ଦ୍ୱାରା ବାଲେଶ୍ୱରର ବିଭିନ୍ନ ସମୟରେ ରକ୍ତଦାତା ଭାବେ ହେଉ କିମ୍ବା ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ହେଉ ଆଗଧାଡିର ୧୦୦ ଜଣ ଯୁବ ଯୋଦ୍ଧାଙ୍କୁ ରକ୍ତବୀର ସେବା ସମ୍ମାନରେ ସମ୍ମାନୀତ କରାଯାଇଛି ବିଶେଷ କରି କୋଭିଡ ସମୟରେ ଏବଂ ବାହାନଗା ରେଳ ଦୁର୍ଘଟଣା ହେଉ କିମ୍ବା ବିଭିନ୍ନ ସମୟରେ ଥାଲାସେମିୟା ରୋଗୀଙ୍କୁ ହେଉ ରକ୍ତର ଅଭାବ ସମୟରେ ଯୋଗେଇ ଦେଉଥିବା ରକ୍ତବୀର ମାନଙ୍କୁ ଆଜି ଅତିଥି ମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା ପୂର୍ବତନ ସାଂସଦ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଏଭଳି ମହତ କାମ ପାଇଁ ଯୁବକ ମାନଙ୍କୁ ଧନ୍ୟବାଦ ଦେବା ସହ ଆୟୋଜକଙ୍କ ସାଧୁ ଉଦ୍ୟମ କୁ ଧନ୍ୟବାଦ ଦେଇଥିଲେ ଅନ୍ୟ ମାନଙ୍କ ମଧ୍ୟରେ ମୁନିସିପାଲିଟି ଅଧକ୍ଷା ସବିତା ସାହୁ,କବି ପ୍ରଶାନ୍ତ ଦାସ, ରକ୍ତଦାତା ସଙ୍ଘ ସଭାପତି କମଲ ଚକ୍ରବର୍ତ୍ତି,ସଦର ବ୍ଲକ ଅଧକ୍ଷା ସୁନିତା ବେହେରା, ପୂର୍ବତନ ବ୍ରିଟ ଅଧକ୍ଷ ଆଲୋକ କୁମାର ସାହୁ, ବିବିସିସି ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର, ଶ୍ରମିକ ନେତା ଶାନ୍ତନୁ ଦାସ,କୃଷକ ନେତା ଅଜୟ ସାମଲ, ବାଦଲ ଦାସ,ଯୁବ ନେତା ଭାଗବତ ସାହୁ, ଅସିତ ଦାସ,ପ୍ରବୀର ଦାଶଶ୍ରୀମନ୍ତ ମାଝୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଆଜୀବନ ରକ୍ତବୀର ଭାବେ ଆଗଧାଡିର ସମାଜସେବୀ ସାହିରୁଲ ହକ ଏବଂ ସମ୍ବାଦ ଆମ ଓଡ଼ିଶାର ଉତର ଓଡିଶା ସଂଯୋଜକ ଲକ୍ଷ୍ମୀଧର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା. ଆଗାମୀ ଦିନରେ ଯୁବ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ପାଇଁ ଏମିତି କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ବାଲେଶ୍ୱରରେ ରକ୍ତର ଅଭାବ ନେହେବା ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ସିମନ କହିଛନ୍ତି ।

# ବାଲେଶ୍ୱର ଜିଲ୍ଲା ଜଜ୍ କୋର୍ଟରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବାଲେଶ୍ୱର,(ନି.ପ୍ର.): ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍ କୋର୍ଟ ବାଲେଶ୍ୱର ଓ ତାଲୁକ ଆଇନସେବା ସମିତି ସୋରୋ, ଜଳେଶ୍ୱର, ନୀଳଗିରୀ, ବସ୍ତା, ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇ ଏବଂ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦା ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ବାଲେଶ୍ୱର ଆନୁକୁଲ୍ୟରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ବାଲେଶ୍ୱର, ର ଅଧକ୍ଷ ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର ଙ୍କ ଅଧକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଲୋକ ଅଦାଲତରେ ଜିଲ୍ଲା ଏବଂ ଦୌରାଜଜ୍, ବାଲେଶ୍ୱର ଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ । ମୋଟ ୧୦୮୭୮ ଟି (ଦେଓନୀ-୫୮୨, ରାଜସ୍ୱ-୯୪୯୩, ମୋଟରଯାନ ଦୁର୍ଘଟଣା ଜନିତ ମାମଲା-୩୦, ବୈବାହିକ ବିବାଦ ମୋକଦ୍ଦମା-୩୦, କ୍ରିମିନାଲ କମ୍ପାଉଂଡେବଲ-୦୫, ମନି ରିକଭରି-୦୮, ଚେକ୍ ବାଉନ୍ସ-୮୭, ଅନ୍ୟାନ୍ୟ ଫୌଜଦାରୀ-୫୨, ପ୍ରାକ୍ ମୋକଦ୍ଦମା ଜନିତ ମାମଲା-୫୫୫,) ମାମଲାର ଫଇସଲା କରାଯାଇ ମୋଟରଯାନ ଜନିତ ଦୁର୍ଘଟଣା ମାମଲା ବାବଦକୁ ୩ କୋଟି ୧୨ ଲକ୍ଷ ୬୮ ହଜାର ଟଙ୍କା, ଚେକ୍ ବାଉନ୍ସ ମାମଲା ବାବଦକୁ ୪୬ ଲକ୍ଷ ୭୯ ହଜାର ୨ ଶହ ୭୬ ଟଙ୍କା, ରାଜସ୍ୱ ମାମଲା ବାବଦକୁ ୨ ଲକ୍ଷ ୧୦ ହଜାର ୩ ଶହ ୫୪ ଟଙ୍କା, ମନି ରିକଭରି ମାମଲା ବାବଦକୁ ୧ ଲକ୍ଷ ୩୮ ହଜାର ୮ ଶହ ୭୭ ଟଙ୍କା ଏବଂ ପ୍ରାକ୍ ମୋକଦ୍ଦମା ମାମଲା ବାବଦକୁ ୮୭ ଲକ୍ଷ ୬୪ ହଜାର ୯୭୫ ଟଙ୍କା ଆଦାୟ କରାଯାଇଥିଲା । ଉପରୋକ୍ତ ଲୋକ ଅଦାଲତରେ ଜିଲ୍ଲା ଏବଂ ଦୌରାଜଜ୍, ବାଲେଶ୍ୱର ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର ଦୀର୍ଘ ୧୪ ବର୍ଷ ଧରି ବିଚାରାଧୀନ ଥିବା ଏକ ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ସମାଧାନ ସମୟରେ ଏକ ଦୃଷ୍ଟାନ୍ତ ମୂଳକ ଆଦେଶ ପ୍ରଦାନ କରିଥିଲେ । ବାଲେଶ୍ୱର ଜିଲ୍ଲା ସିମୁଳିଆ ନିକଟ ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ମୟୁରଭଂଜ ଜିଲ୍ଲା ବାରିପଦା ଅଂଚଳର ଅଜୟ ଓରଫ ଶିବ ପ୍ରସାଦ ନାଥ ନାମକ ଜନୈକ ବ୍ୟକ୍ତି ୨୦୧୨ ମସିହାରେ ଏକ ଟ୍ରକ୍ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଭାବରେ ଆହତ ହୋଇଥିଲେ । ପରବର୍ତୀ ସମୟରେ ଏହା ଏମ.ଏ.ସିଟି. କେସ୍ ନମ୍ବର-୨୩୦/୨୦୧୨ ରେ ପଂଜୀକୃତ ହୋଇ ଦୀର୍ଘଦିନ ହେଲା ବିଚାରାଧୀନ ଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଟିର ଘଟଣା ସମୟରେ ବୀମା ଅବଧି ଜାରି ଥିବାରୁ ମାମଲାର ବିଚାର ସମୟରେ ମାନ୍ୟବର ଜିଲ୍ଲା ଏବଂ



ଦୌରା ଜଜ୍ ? ବାଜାଜ୍ ଏଲାଏଂଡ୍ ସାଧାରଣ ବୀମା କମ୍ପାନୀକୁ ପାଂଚ ଲକ୍ଷ ଚାଳିଶ ହଜାର ଟଙ୍କା ଅଗ୍ରୀମ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସାମ୍ପ୍ରତିକ ସମୟରେ ସଡକ ସୁରକ୍ଷା ଏକ ସମ୍ବେଦନଶୀଳ ବିଷୟ ହୋଥିବାରୁ ଯାନ ବାହାନ ଚଳାଇବା ସମୟରେ ଚାଳକ ମାନେ ସମସ୍ତ ପ୍ରକାରର ସଡକ ସୁରକ୍ଷା ନିୟମକୁ ଅନୁସରଣ କରିବା ସହ ଯାନ ବାହାନର ଆବଶ୍ୟକୀୟ ଜରୁରୀ କାଗଜପତ୍ର ଯଥା- ଡ୍ରାଇଭିଂ ଲାଇସେନ୍ସ, ଇନ୍ସୁରାନ୍ସ, ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍, ପଲ୍ୟୁସନ୍ ସାର୍ଟିଫିକେଟ୍, ଫିଟ୍ ?ନେସ୍ ସାର୍ଟିଫିକେଟ୍, ରୋଡ୍ ପରମିଟ୍, ରୋଡ୍ ଟ୍ୟକ୍ସ ରିସିପ୍ଟ ଇତ୍ୟାଦି ନିଜ ପାଖରେ ରଖିବା ପାଇଁ ସଚେତନ ହେବାର ଆବଶ୍ୟକ ?ତା ରହିଛି ବୋଲି ବଂଚ୍ ରେ ମତ ପ୍ରକାଶ ପାଇଥିଲା । ଉପରୋକ୍ତ ମାମଲାଟିକୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ତରଫରୁ ଆଇନଜୀବୀ ଶ୍ରୀଯୁକ୍ତ ସତ୍ୟଶ୍ରୀ ଦାସ ପରିଚାଳନା କରୁଥିବା ବେଳେ ବୀମା କମ୍ପାନୀ ତରଫରୁ ଶ୍ରୀଯୁକ୍ତ ପ୍ରଦୀପ୍ତ କାନୁନଗୋ ପରିଚାଳନା କରୁଥିଲେ । ଏହି ଲୋକ ଅଦାଲତକୁ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ର ସଚିବ ଶ୍ରୀଯୁକ୍ତ ସୁମନ୍ ଜେନା ପରିଚାଳନା କରିଥିଲେ ।

# ଉଦ୍‌ଘାଟିତ ହେଲା ଓଡ଼ିଶା କାର୍ଟୁନ୍ ଏକାଡେମୀର ବାର୍ଷିକ କାର୍ଟୁନ୍ ପ୍ରଦର୍ଶନୀ

ବାଲେଶ୍ୱର, (ନି.ପ୍ର.): ଓଡ଼ିଶା କାର୍ଟୁନ୍ ଏକାଡେମୀ ଦ୍ୱାରା ଓଡ଼ିଶାର ଲବ୍ଧପ୍ରତିଷ୍ଠ କାର୍ଟୁନିଷ୍ଟ ମାନଙ୍କର କାର୍ଟୁନ୍ ତଥା ନୂତନ ପିଢ଼ିର କାର୍ଟୁନିଷ୍ଟ ମାନଙ୍କର କାର୍ଟୁନ୍ କୁ ନେଇ ଏକ ଦୁଇ ଦିନିଆ ବାର୍ଷିକ କାର୍ଟୁନ୍ ପ୍ରଦର୍ଶନୀ ୨୦୨୬ ଉଦଘାଟିତ ହୋଇଯାଇଛି ।

ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପରିବହନ କର୍ତ୍ତୃପକ୍ଷର ଅଧକ୍ଷ ତଥା ପରିବହନ କମିସନର ଅମିତାଭ ଠାକୁର, ସମ୍ମାନିତ ଅତିଥି ଭାବରେ ଓଡ଼ିଶା ମହାଲେଖାକାର ଶ୍ରୀ ସୁବୁ ଆର୍ ଏବଂ ନ୍ୟାସନାଲ ହ୍ୟୁମାନ ଓ୍ୱେଲଫେଆର ବୋର୍ଡ ଟ୍ରଷ୍ଟର ଅଧକ୍ଷ ଶାରଦା ପ୍ରସାଦ ମହାପାତ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରଦର୍ଶନୀକୁ ଉଦଘାଟନ




କରିଥିଲେ । ଓଡ଼ିଶା କାର୍ଟୁନ୍ ଏକାଡେମୀର ସଭାପତି ଶ୍ରୀ କମଳାକାନ୍ତ ରଥ ଏଥିରେ ଅଧକ୍ଷତା କରିଥିଲେ । ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ଦୁଇ ଦିବଙ୍ଗତ କାର୍ଟୁନିଷ୍ଟ ଜ୍ଞାନ ରଥ ଏବଂ କିଶୋର ରଥଙ୍କୁ ମରଣୋତର ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା । ସଭାରେ ମୁଖ୍ୟ ଅତିଥି ଶ୍ରୀ ଠାକୁର ପରିବହନ ଓ ସଡ଼କ ସୁରକ୍ଷା ବାର୍ତା ସମ୍ବଳିତ କାର୍ଟୁନ୍ ଗୁଡ଼ିକ ସଚେତନତା ସୃଷ୍ଟି ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଅଭିହିତ କରିବା ସହ ଆସନ୍ତା ଦିନମାନଙ୍କରେ ଆହୁରି ନୂତନ କାର୍ଟୁନିଷ୍ଟ ନିର୍ମାଣ ଦିଗରେ ସହଯୋଗ କରିବା ନେଇ ସମ୍ମତି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଶ୍ରୀ ସୁବୁ ଆର୍. ଅଡିଟ ଓ କାର୍ଟୁନ୍ ସହ ତାଙ୍କ ସମ୍ପର୍କ ବିଷୟରେ ମତାମତ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଶାରଦା ମହାପାତ୍ର ନୂତନ କାର୍ଟୁନିଷ୍ଟ ନିର୍ମାଣ କ୍ଷେତ୍ରରେ ସଂସ୍ଥାର ପଦକ୍ଷେପକୁ ପ୍ରଶଂସା କରିବା ସହ ପ୍ରତ୍ୟକ୍ଷ ସହଯୋଗିତା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କାର୍ଟୁନିଷ୍ଟ କିଶୋର ରଥଙ୍କ ପରିବାର ତରଫରୁ ତାଙ୍କ ପତ୍ନୀ ରୋଜଲିନୀ ଷଡ଼ଙ୍ଗୀ ଏବଂ ଜ୍ୟେଷ୍ଠ ପୁତ୍ର ଦେବଦଳନ ରଥ ଉପସ୍ଥିତ ରହି ସମ୍ମାନ ଗ୍ରହଣ କରିଥିଲେ । ଓଡ଼ିଶାର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ କାର୍ଟୁନ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଫଳକ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଟୁନିଷ୍ଟ କିଶୋର ରଥ, ଜ୍ଞାନ ରଥ, ସୁନାରାମ ସିଂ, କେଶୁ ଦାସ, ପରେଶ ନାଥ, କେ. କେ. ରଥ, ଉତ୍କଳ ଗୌରବ, ଅଶ୍ୱିନୀ - ଅବନୀ, ଚୂଡ଼ାମଣି ଦାସ, ଦେବାଶିଷ ସିଂ, ପ୍ରଶାନ୍ତ ମାଝୀ, ଟି. ନନ୍ଦେଶୁ, ପ୍ରଶାନ୍ତ ମହାକୁର, ବିବେକ ଦାସଙ୍କ ସହ ନୂତନ ପିଢ଼ିର କାର୍ଟୁନିଷ୍ଟ ମାନଙ୍କର କାର୍ଟୁନ୍ ପ୍ରଦର୍ଶିତ ହୋଇଥିଲା । ସମ୍ପାଦକ ଦେବାଶିଷ ସିଂ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶିଳ୍ପୀ କେଶୁ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । ବହୁ ବ୍ୟଙ୍ଗଚିତ୍ର ପ୍ରେମୀ ତଥା ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକା କାର୍ଟୁନ୍ ପ୍ରଦର୍ଶନୀ ବୁଲି ଦେଖି ପ୍ରଶଂସା କରିଥିଲେ ।

# ବିଦ୍ୟୁତ ଚୋରି ଏବଂ ଏନଫୋର୍ସମେଂଟ ମାମଲାର ସହଜ ସମାଧାନ

ବାଲେଶ୍ୱର,(ନି.ପ୍ର.): ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଜି ନିଜର ସେବାଯୋଗାଣ ଅଂଚଳରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଆୟୋଜନ କରାଯାଉଛି । ଟିପିଏନଓଡିଏଲ୍ ର କ୍ଷେତ୍ରାଧିକାର ଅନ୍ତର୍ଗତ ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ ଏବଂ ବାରିପଦା ସର୍କଲର ବିଭିନ୍ନ ଡିଭିଜନ ଓ ସବ-ଡିଭିଜନ କାର୍ଯ୍ୟାଳୟ ସମେତ ନିର୍ଦ୍ଧାରିତ କୋର୍ଟ ପରିସରରେ ଏହି ଲୋକ ଅଦାଲତ ପରିଚାଳିତ ହେଉଛି । ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ର ନିୟମ ଅନୁଯାୟୀ ଆୟୋଜିତ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାମାନଙ୍କୁ ବିଚାରଧୀନ ଏନଫୋର୍ସମେଂଟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସହଜ, ସ୍ୱଚ୍ଛ ଏବଂ ସମୟଭିତିକ ପ୍ଲାଟଫର୍ମ ପ୍ରଦାନ କରିବା ।ଏହି ସମାଧାନ ଶିବିର ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି, ଯେଉଁଠାରେ ଉପଭୋକ୍ତାମାନେ ବିବାଦର ସମାଧାନ ପାଇଁ ସହାୟତା ପାଇପାରିବେ । ଉପଭୋକ୍ତାମାନଙ୍କୁ ଦସ୍ତାବିଜ, ଯୋଗ୍ୟତା ମାପଦଣ୍ଡ ଏବଂ ସମାଧାନ ପ୍ରକ୍ରିୟାରେ ସାହାଯ୍ୟ କରିବା ପାଇଁ ସମସ୍ତ ନିର୍ଦ୍ଧାରିତ ସ୍ଥାନରେ ଏନଫୋର୍ସମେଂଟ ଅଧିକାରୀ, ଆଇନଜୀବୀ ଏବଂ ସହାୟକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି ।ଆଇନଗତ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଜାତୀୟ ଲୋକ ଅଦାଲତ ବହୁ ଦିନରୁ ଅଟକି ରହିଥିବା ବିଦ୍ୟୁତ ସମ୍ବନ୍ଧୀୟ ବିବାଦଗୁଡ଼ିକୁ କମ୍ କରିବାରେ ସହାୟକ ହେବ । ଏହା ଉପଭୋକ୍ତାମାନଙ୍କ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବା ସହିତ ଏକ ସ୍ୱଚ୍ଛ ବିଦ୍ୟୁତ ପରିଚାଳନା ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଭାଗିଦାରୀକୁ ଉତ୍ସାହିତ କରିବ ।ଟିପିଏନଓଡିଏଲ୍ ପକ୍ଷରୁ ବିଚାରଧୀନ ଏନଫୋର୍ସମେଂଟ ମାମଲା ଥିବା ଉପଭୋକ୍ତାମାନଙ୍କୁ ଏହି ସୁଯୋଗର ଉପଯୋଗ କରି ଆପୋଷ ବୁଝାମଣା ଜରିଆରେ ବିବାଦର ସମାଧାନ କରି ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ଜଟିଳତାରୁ ବଂଚିବା ପାଇଁ ଅନୁରୋଧ କରାଯାଇଛି । ଲୋକ ଅଦାଲତ ସମ୍ବନ୍ଧୀୟ ସୂଚନା ସମ୍ପୃକ୍ତ ଡିଭିଜନ ଏବଂ ସବ-ଡିଭିଜନ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି, ଏବଂ ଉପଭୋକ୍ତାମାନେ କୌଣସି ବି ସହାୟତା ବା ପରାମର୍ଶ ପାଇଁ ସେମାନଙ୍କ ନିକଟସ୍ଥ ଟିପିଏନଓଡିଏଲ୍ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ।

# ବ୍ୟାସକବିନଗର ବିକାଶ ପରିଷଦର ନୂତନ କର୍ମକର୍ତାଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,(ନି.ପ୍ର.): ସହଦେବଖୁ□ସ୍ଥିତ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ଆସନ୍ତା ଦୁଇବର୍ଷ ପାଇଁ ଗତମାସ ୨୭ ତାରିଖ ଦିନ ନିର୍ବାଚିତ ନୂତନ କର୍ମକ□ା ଦାୟିତ୍ୱ ଗ୍ରହଣ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ସଭାପତି ସଂଜୟ କୁମାର ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ ସଭାପତି ପ୍ରଭାତ କୁମାର ସାହୁ, ସାଧାରଣ ସଂପାଦକ ଅଦୈତ କୁମାର ମହାନ୍ତି, କୋଷାଧକ୍ଷ ରଜତ କୁମାର ପରିଡ଼ା ଉପଦେଷ୍ଟା



ପ୍ରତିଭା ଆଚାର୍ଯ୍ୟ ପ୍ରମୁଖଙ୍କୁ ପରିଷଦର ପ୍ରତିଷ୍ଠାତା ତଥା ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ଏହି ବୈଠକରେ ନୂତନ ଓ ପୁରାତନ କମିଟି କର୍ମକ□ା ସର୍ବଶ୍ରୀ ବିନୋଦ ବିହାରୀ ପଣ୍ଡା, ଉମାକାନ୍ତ ମହାନ୍ତି, ଡମ୍ବରୁଧର ପ୍ରଧାନ, ଭଗବାନ ମହନ୍ତୀ, ସୁବାସ ଚନ୍ଦ୍ର ନାୟକ, ଅନନ୍ତ କୁମାର ଦାସ, ରଞ୍ଜନ କୁମାର ଭୋଇ, ମନୋଜ ନାୟକ, ଅକ୍ଷୟ କୁମାର ତ୍ରିପାଠୀ ଓ ମୁକୁନ୍ଦ ମୁରାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ନବନିର୍ବାଚିତ କର୍ମକ□ାମାନେ ସ୍ଥାନୀୟ ଅ□ଳର ବିକାଶ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ନିରଞ୍ଜନ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଛାତରୁ ପଡ଼ି ଯୁବକର ଅକାଳ ବିୟୋଗ



ବାଲେଶ୍ୱର(ନି.ପ୍ର.) ସ୍ଥାନୀୟ ଗୋପାଳଗାଁ ଦିନ ୨.୪୫ପାଖାପାଖି ନିଜ ଘର ଛାତ ଉପରେ ବୁଲୁଥିବା ସମୟରେ ଛାତରୁ ଖସି ପଡି ଥିଲେ । ସଙ୍ଗେ ସଙ୍ଗେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଓଟି କୁ ଯିବା ସମୟରେ ତାଙ୍କର ମୃତ୍ୟୁ ହେଇଥିଲା । ସେ ଜଣେ ପେଶାରେ ଆଇନଜୀବୀ ଅଟନ୍ତି । ତାଙ୍କର ଦୁଇଜଣ ଛଟ ପିଲା ଅଛନ୍ତି । ପ୍ରକାଶଯେ, ଆଇନଜୀବୀଙ୍କ ମୃତ୍ୟୁ ଖବର ପାଇ ଶତାଧିକ ଆଇନଜୀବୀ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ ।

# ନାରୀ ଅଧିକାର ଅଭିଯାନ ପକ୍ଷପାଳନ ଅବସରରେ ପ୍ରସ୍ତୁତି ବୈଠକ

ନୀଳଗିରି,(ନି.ପ୍ର.) ନୀଳଗିରି ବିଜେଡ଼ି ପକ୍ଷରୁ ଆସନ୍ତା ୨୧ ତାରିଖରେ ନାରୀ ଅଧିକାର ଅଭିଯାନ ପକ୍ଷପାଳନ ଉଦେଶ୍ୟରେ ଆଜି ନୀଳଗିରି ବିଜେଡ଼ି କାର୍ଯ୍ୟାଳୟ ରେ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଅଧକ୍ଷତାରେଏକ ପ୍ରସ୍ତୁତ୍ତ ବୈଠକ ହୋଇଯାଇଛି । ସୂଚନା ଯୋଗ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶାସନ କାଳରେ ତ୍ରି ସ୍ତରୀୟ ପଂଚାୟତି ରାଜ ବ୍ୟବସ୍ଥାରେ ମହିଳା ସଂରକ୍ଷଣ ପାଇଁ ୫୦ ଭାଗ ସ୍ଥାନ ସଂରକ୍ଷଣ କରିଥିବା ବେଳେ ବିଧାନସଭା ଓ ଲୋକସଭା କ୍ଷେତ୍ରରେମହିଳା ୩୩ ଭାଗ ସଂରକ୍ଷିତ କରି ୨୦୨୪ସାଧାରଣ ନିର୍ବାଚନ ରେ ସାଂସଦ ପ୍ରାର୍ଥୀମଧ୍ଧ ଦେଇ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ସେହିଭଳି ମହିଳା ମାନଙ୍କୁ ସଶକ୍ତ କରିବା ସହିତ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମହିଳା ମିଶନ ଶକ୍ତି ଗଠନ କରି ଭାରତ ବର୍ଷରେ ଏକ ନୂତନ ଉଦାହରଣ ସୃଷ୍ଟି କରିଥିଲେ । ମିଶନ ଶକ୍ତି ମାଧ୍ୟମରେ ଏମ୍ବିକେ, ସିଆରପି, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, ଗୋ ମିତ୍ର, ପ୍ରମୁଖ ପଦ ପଦବୀ ସୃଷ୍ଟି କରି ବିଭିନ୍ନ ଯୋଜନା ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଇ ଆର୍ଥିକ ସ୍ୱଚ୍ଛଳତା ଆଣି ପାରିଥିଲେ । ଓଡିଶାରେ ବିଜେପି ସରକାର ଆସିବା ପରେ ସୁଭଦ୍ରା ଯୋଜନାରେ ଏକ କାଳୀନ ୫୦ ହଜାର ପରିବର୍ତେ କେବଳ ୫ ହଜାର ଟଙ୍କା ଦେଇ ଲକ୍ଷପତି ଦିଦି ସୃଷ୍ଟି କରିବାରେ ମିଥ୍ୟା ଡିଣ୍ଡିମ ପିଟୁଥିବା ପ୍ରତିବାଦ ରେ ଆସନ୍ତା ୨୧ ତାରିଖ ଗୁରୁବାର ସକାଳ ୯ ଘଟିକା ସମୟରେ ବିଜେଡ଼ି ପକ୍ଷରୁ ଏକ ବିଶାଳ ମହିଳା ରାଲି ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ବାହାରି ବାଇବାସ ଠାରେ ଥିର୍ବିଜୁ ବାବୁଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରି କେ,ଶି,ହାଇ ସ୍କୁଲ ପଡିଆରେ ଏକ ବିଶାଳ ମହିଳା ସମାବେଶ ହେବାର ନିଷ୍ପତି ନିଆଯାଇଥିଲା । ମଂଚାସୀନ ଅତିଥି ମାନଙ୍କ ମଧ୍ୟରେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, କେଶିପୁର ସରପଂଚ ବାସନ୍ତି ହେମ୍ବ୍ରମ, ଆରବନ୍ଧ ସରପଂଚ କୁଳମଣି ନାୟକ, ଭଉଁରିଆବାଡ଼ ସରପଂଚ ସଞ୍ଜୟ ସିଂ, ପୂର୍ବତନ ନଗରପାଳ ରାଧା ଗୋବିନ୍ଦ ଖଟୁଆ, ବରିଷ୍ଠ ବିଜେଡ଼ି ନେତା ରବିନ୍ଦ୍ର ପରିଡା, ସମାଜସେବୀ ମଦନ ମୋହନ ମାଝୀ,ବିଜେଡ଼ି ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ସିଆଡିମାଳ ସମିତି ସଭ୍ୟ ରାଜୀବ ଦାସବାବୁ, ମାଛୁଆ ସମିତିସଭ୍ୟା ରମାକାନ୍ତ ମହାଳିକ, ଆରବନ୍ଧ ସମିତିସଭ୍ୟା ବିନିତା ମଢେଇ, ଜାମୁଡ଼ିଆସରପଂଚ ଚାନ୍ଦ ମଣି ମୁର୍ମୁ,ରାଧାକିଶୋର ପୁର ସମିତିସଭ୍ୟା ସାବିତ୍ରୀ ସିଂ.ପ୍ରମୁଖ ଉପସ୍ଥିତ ରହି ବିଜେପି ଡବଲ ଇଞ୍ଜିନ ସରକାରଙ୍କର ମିଥ୍ୟା ପ୍ରଚାର କୁ ନେଇ ବର୍ଷୀଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନଗର ସଭାପତି ଅଚ୍ୟୁତ ଚରଣ ପ୍ରଧାନ, ଚନ୍ଦନ ରାୟ, ରମାକାନ୍ତ ମଲ୍ଲିକ, ଗେଟମ ମୁଦୁଲି, ଅଶୋକାସିନୀ ନାୟକ, ପ୍ରମୁଖ ସତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

# ବିଜେପି ମହିଳା ପକ୍ଷରୁ ଜନଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ବାଣେଶ୍ୱର ମଣ୍ଡଳ ଭାଜପା ମହିଳା ପକ୍ଷରୁ ଜନଆକ୍ରୋଶ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୯ ତାରିଖ ଅପରାହ୍ନ ୫ଘଟିକା ସମୟରେ ବାଲଶ୍ୱର ମ୍ୟୁନିସିପାଲିଟି ଗୋଳାପୋଖରୀ ଛକଠାରୁ ମହିଳା ଆକ୍ରୋଶରାଲି ବାହାରି ସିନେମାଛକ ଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ପଥପ୍ରାନ୍ତ ସଭାରେ ସିପ୍ରା ବାଜୟୋ ଓ ଧୀରଜ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଭାରତବର୍ଷର ବିଭିନ୍ନ ରାଜ୍ୟର ତୁଙ୍ଗ ନେତାଙ୍କ ଯେଉଁମାନେକି ମୋଦି ସରକାରଙ୍କୁ ବିରୋଧ



କରୁଛନ୍ତି ସେମାନଙ୍କ କୁଶପୁତଳିକା ଦାହ କରାଯାଇଥିଲା । ପ୍ରକାଶଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାରୀ ଶକ୍ତି ବନ୍ଦନ ଅଧିନିୟନ କୁ ବିରୋଧ କରୁଥିବା ଇଣ୍ଡି ମେଂଟର ମହିଳା ବିରୋଧୀ ମାନସିକତା ବିରୋଧ ରେ ନୀଳଗିରିର ଶତାଧିକ ମହିଳା ରାଜ ରାସ୍ତାକୁ ଉଲ୍‌ହାଇଛନ୍ତି । ପ୍ରତିବାଦ ସ୍ୱରୂପ ପଂଚାୟତ କାର୍ଯ୍ୟାଳୟ ଠାରୁ ମହିଳା ମାନେ ନାରା ବାଜି କରି ଏକ ପଦ ଯାତ୍ରାରେ ବାହାରିଥିଲେ । ଦେଶର ବିକାଶଯେ ଯେଉଁ ରାଜନୈତିକ ଦଳ ଏବଂ ନେତା ପ୍ରତିବନ୍ଧକ ସାଜିଛନ୍ତି ସେମାନଙ୍କୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି ।



## ନାଗରିକ ମଂଚର ସାଧାରଣ ପରିଷଦ ବୈଠକରେ ଆଂଚଳିକ ସମସ୍ୟା ନେଇ ଉଦ୍‌ବେଗ

ସୋର(ନିପ୍ର): ନାଗରିକ ମଂଚର ସାଧାରଣ ପରିଷଦ ବୈଠକ, ଅବସର ପ୍ରାପ୍ତ କର୍ମଚାରୀ ଭବନରେ, ମଂଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ମଂଚର ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ଗତ ବୈଠକର ନିଷ୍ପତି ଗୁଡିକ କାର୍ଯ୍ୟକାରୀ ଉପରେ ସୂଚନା ପ୍ରଦାନ କରିଥିଲେ । ୧୬ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ବ୍ରିଜଗୋପାଲ ନିର୍ମାଣ କମ୍ପାନୀ ଛପୁଲିଆ ଠାରୁ କଲେଜ ଛକ ପର୍ଯ୍ୟନ୍ତ ସମାପ୍ତ କରିଥିଲେ ମଧ୍ୟ ଦୁଇ ପାଖ ସର୍ଭିସ ରୋଡ଼ର ଉନ୍ନତି ନକରିବା ଫଳରେ ସଂକୀର୍ଣ୍ଣ ରାସ୍ତାଯୋଗୁଁ ଯାନବାହାନ ସହ ସାଧାରଣ ଲୋକ ଯାତାୟାତରେ ବହୁ ଦୁର୍ଘଟଣା ଘଟି ଚାଲିଛି । ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ବାରମ୍ବାର ଦାବିସତ୍ୱେ ଜାତୀୟ ରାଜପଥର ଦୁଇପାର୍ଶ୍ୱ ଡ୍ରେନର ଅଗ୍ରଗତି ହୋଇନାହିଁ । ଆଗାମୀ ବର୍ଷାଋତୁ ପୂର୍ବରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନ ବ୍ୟବସ୍ଥା ନକଲେ ଜଣବସତି ତଥା ବ୍ୟବସାୟୀ ପ୍ରତିଷ୍ଠାନ ଗୁଡ଼ିକ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ୍ନ ହେବେ । ଅନ୍ୟପକ୍ଷରେ ସୋର ମ୍ୟୁନିଷ ପାଲଟିରେ ଦୀର୍ଘବର୍ଷ ଧରି ବର୍ଷାଜଳ ନିଷ୍କାସନ ଦିଗରେ ସ୍ଥାୟୀ ବ୍ୟବସ୍ଥା ନହେବା ଯୋଗୁଁ ବୈଠକରେ ଉଦବେଗ ପ୍ରକାଶ ପାଇଛି । ତୁରନ୍ତ ବର୍ଷାଜଳ ନିଷ୍କାସନ ଦିଗରେ ମ୍ୟୁନିଷପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେବାକୁ ଦାବି କରାଯାଇଛି । ଏହି ବୈଠକରେ ନାଗରିକ ମଂଚର ବାର୍ଷିକ ସମ୍ମିଳନୀ ଆସନ୍ତା ଜୁନ ମାସ ୧୭ ତାରିଖରେ ହେବାକୁ ସ୍ଥିର ହୋଇଛି । ମଂଚର ଉପ ସଭାପତି ମାୟାଧର ନାୟକ, ସହ ସମ୍ପାଦକ ପ୍ରଦୀପ କୁମାର ଦାଶ, ଜିତେନ୍ଦ୍ର କୁମାର ବେହେରା, ଶରତ ଚନ୍ଦ୍ର ମହାନ୍ତି, ମନୋଜ କୁମାର ରାୟ, ନିତ୍ୟାନନ୍ଦ କର ପ୍ରଭୃତି ବିଭିନ୍ନ ଦାବିଗୁଡିକ ଉପସ୍ଥାପନ କରିଥିବା ବେଳେ, ଗଙ୍ଗାଧର ପାଢ଼ୀ, ଇଂ ଦିବାକ ଦଳାଇ, ପଂଚାନନ ଶିଅଳ, ଭଗବାନ ମହାପାତ୍ର, ପ୍ରଶାନ୍ତ ଦାସ, ରାଜାରାଣୀ ଜେନା, ଶଶିକାନ୍ତ ପଣ୍ଡା, ଅନାମ ପ୍ରସାଦ ବାରିକ, ଅଦ୍ୱୈତ୍ୟ କୁମାର କର, ଶରତ କୁମାର ନାୟକ, ସନ୍ତୋଷ କୁମାର ଦିବେଦୀ, ଖଗେନ୍ଦ୍ର ପ୍ରଧାନ, ରତିରଞ୍ଜନ ପାଣିଗ୍ରାହୀ, ରବିନ୍ଦ୍ର ଚନ୍ଦ୍ର ନନ୍ଦ, ପଙ୍କଜ କୁମାର ପଣ୍ଡା, ବିଜୟ କୁମାର ଦାସ, ପଦ୍ମଲୋଚନ ପାତ୍ର ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମଂଚର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ କର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଏରିଆ ହସ୍ପିଟାଲର ନୂତନ ଗୃହର ଶୁଭ ଶିଳାନ୍ୟାସ କଲେ ଉଚ୍ଚଶିକ୍ଷାମନ୍ତ୍ରୀ




ଧାମନଗର(ନିପ୍ର): ଧାମନଗର ବ୍ଲକ ର ଧୁଷୁରୀ ଏରିଆ ହସ୍ପିଟାଲ ରୂପରେଖ ବଦଳିବ । ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୩ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି ଏବଂ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଶନିବାର ମାନ୍ୟବର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଶୁଭ ଶିଳାନ୍ୟାସ କରିଛନ୍ତି । ପାଖାପାଖି ୧୫ ରୁ ୨୦ ପଂଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ନିମନ୍ତେ ଉକ୍ତ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି । ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ନିକଟରେ ଏହାର ନୂତନ ରୂପରେଖ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଜାତୀୟ ସ୍ୱାସ୍ଥ୍ୟ ମିଶନ ରେ ଏରିଆ ହସ୍ପିଟାଲର ବିକାଶ କାର୍ଯ୍ୟ ନିମନ୍ତେ ୩ କୋଟି ଟଙ୍କା ମଞ୍ଜୁର ସହିତ ଆନୁଷଙ୍ଗିକ ଟେଣ୍ଡର ବ୍ୟବସ୍ଥା ଅନୁସାରେ ୨.୪୦ କୋଟି ମୂଲ୍ୟରେ କାର୍ଯ୍ୟ ହେବା ନେଇ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ମଞ୍ଜୁର ଅର୍ଥରେ ହସ୍ପିଟାଲରେ ପୁରୁଷ ଓ ମହିଳା ରୋଗୀଙ୍କ ପାଇଁ ପୃଥକ ୱାର୍ଡ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ନିର୍ମାଣ ଯୋଜନା ନେଇ ଡିପିଆର ପ୍ରସ୍ତୁତ କରାଯାଇଛି । ବାସନ୍ତୀ ପଡିଆ ନିକଟରେ ନୂତନ ଗୃହ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହେବା ପରେ ଆଜି ତାହାର ଶିଳାନ୍ୟାସ କରାଯାଇଛି । ପରେ ମାନ୍ୟବର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ସଫେଇ କାର୍ଯ୍ୟକ୍ରମର ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ରାମହରୀ ଗୋସ୍ୱାମୀ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପୁହାଣ, ସାଂସଦ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ସରପଂଚ ଅନ୍ତର୍ଯ୍ୟାମୀ ପତି, ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଦା, ଧୂଷୁରୀ ଏରିଆ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଅଭିଳାଷ ମଲ୍ଲିକ ଉପସ୍ଥିତ ଥିଲେ ।

## ପ୍ରତିମା ମିଶ୍ର ବିଜେପି ଅନୁଗୁଳ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ



ଅନୁଗୁଳ(ନିପ୍ର): ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀଙ୍କ ନାମ ଘୋଷଣା କରିଛନ୍ତି । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଙ୍କୁ ଅନୁଗୁଳ ଜିଲ୍ଲା ବିଜେପି ର ମହିଳା ମୋର୍ଚ୍ଚା ସଭାନେତ୍ରୀ ଦାୟିତ୍ୱ ଦିଆଯାଇଛି । ଜିଲ୍ଲା ମହିଳା ମୋର୍ଚ୍ଚା ମହଲରେ ଖୁସିର ମାହୋଲ ଖେଳି ଯାଇଛି, ସେ ଜଣେ ଅନୁଭବୀ ନାରୀନେତ୍ରୀ ସହ ସୁ ସଂଗଠିକା ବହୁ ପୁରୁଣା କାର୍ଯ୍ୟକର୍ତ୍ତା ସଦାସର୍ବଦା ଦଳୀୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି । ତାଙ୍କର ନୂତନ ଦାୟିତ୍ୱ ପାଇଁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା ଏବଂ ସମସ୍ତ ଜିଲ୍ଲାର ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହ ଅନୁଗୁଳ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଂଗଠନ କୁ ରାଜ୍ୟ ରେ ଏକ ନମ୍ବର କରିବା ପାଇଁ ପ୍ରୟାସ କରିବି ବୋଲି ଏକ ପ୍ରେସ ବିବୃତି ରେ ପ୍ରତିମା ମିଶ୍ର ପ୍ରକାଶ କରିଛନ୍ତି ।

## ତ୍ରିଦିବସୀୟ ‘ବିଦ୍ୟାର୍ଥୀ ଜୀବନ ନିର୍ମାଣ ଶିବିର’ ଉଦ୍‌ଘାଟିତ




ନୟାଗଡ଼(ନିପ୍ର): ବିଦ୍ୟାର୍ଥୀ ଶିଶୁ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକତା, ଆଧ୍ୟାତ୍ମିକତା, ଅନୁଶାସନ ଓ ଦେଶପ୍ରେମ ଭଳି ସଦ୍‌ଗୁଣର ବିକାଶ ଉଦ୍ଦେଶ୍ୟରେ ନୟାଗଡ଼ ହାଉସିଂବୋର୍ଡ କଲୋନୀ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ର ପରିସରରେ ତିନିଦିବସୀୟ “ବିଦ୍ୟାର୍ଥୀ ଜୀବନ ନିର୍ମାଣ ଶିବିର” ଉଦ୍‌ଘାଟିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉଦଘାଟନୀ ସଭାରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଏହି ମୂଲ୍ୟବୋଧ ଭିତିକ ଶିକ୍ଷା କାର୍ଯ୍ୟକ୍ରମକୁ ଭୂରିଭୂରି ପ୍ରଶଂସା କରିବା ସହିତ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏହି ଭଳି ଶିବିର ର ଆବଶ୍ୟକତା ଅଛି ବୋଲି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଓଟିଭିରେ ପ୍ରସାରିତ “ସର୍ବେ ଭବନ୍ତୁ ସୁଖୀନଃ” କାର୍ଯ୍ୟକ୍ରମର ପ୍ରବକ୍ତା ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ମୂଲ୍ୟବୋଧ ଭିତିକ ଶିକ୍ଷା, ଗୁରୁଭକ୍ତି ଓ ଆଧ୍ୟାତ୍ମିକ ଜୀବନ ଗଠନ ସମ୍ପର୍କରେ ଛାତ୍ରଛାତ୍ରୀ, ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଅଭିଭାବକ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଉତମ ଛାତ୍ରଛାତ୍ରୀ ଗଠନରେ ପିତା ମାତାଙ୍କ ଭୂମିକା ସର୍ବପ୍ରାଧାନ୍ୟ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ନୟାଗଡ଼ ପୌରଧକ୍ଷା ନିରୁପମା ଖଟେଇ, ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ବାଣ୍ଠ, ରାଜଯୋଗିନୀ ବ୍ରହ୍ମାକୁମାରୀ ମିନିଦିଦି, ନିରଂଜନ ନାୟକ ଓ ବିଦ୍ୟାଳୟର ଟ୍ରଷ୍ଟି ସରସୀବାଳା ଦାସ ପ୍ରମୁଖ ଯୋଗଦେଇ ଛାତ୍ରଜୀବନରେ ନୈତିକ ଶିକ୍ଷାର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ । ଅବସର ପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ପ୍ରଦୀପ କୁମାର ସାହୁ “ଦଶସୂତ୍ରୀ ଜୀବନ ନିର୍ମାଣ କୌଶଳ ଶିକ୍ଷା” ଉପରେ ଉପାଦେୟ ବକ୍ତବ୍ୟ ରଖିଥିଲେ । ସନ୍ଧ୍ୟା ସମୟରେ ବିଦ୍ୟାଳୟର ଦିଲ୍ଲୀପ ଗୁରୁଜୀଙ୍କ ନେତୃତ୍ୱରେ ଠାକୁରଙ୍କ ଆଳତୀ, ଭଜନ ଓ କୀର୍ତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଅଭିପ୍ସା ମହାପାତ୍ର ମାଇକ୍ରୋବାଇଓଲୋଜି ବିଭାଗର ବିଶ୍ୱବିଦ୍ୟାଳୟ ଟପ୍ପର

ଉଦଳା(ନିପ୍ର): ଚଳିତ ବର୍ଷ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର +୩ ଶେଷବର୍ଷର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଆର.ଡି.ଏସ. ଡିଗ୍ରୀ ମହାବିଦ୍ୟାଳୟର ଅଣୁଜୀବ ବିଜ୍ଞାନ ବିଭାଗର ଛାତ୍ରୀ ସୁଶ୍ରୀ ଅଭିପ୍ସା ମହାପାତ୍ର ୧୨୩୨ ନମ୍ବର ରଖି ନିଜ ବର୍ଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇ କଲେଜର ମାନ ବୃଦ୍ଧି କରିପାରିଛନ୍ତି । ଉଦଳା ନିକଟସ୍ଥ ଦୁଗୁଧା ଗ୍ରାମରେ ଅଭିପ୍ସାଙ୍କ ଘର । ତାଙ୍କ ପିତା ଅକ୍ଷୟ କୁମାର ମହାପାତ୍ର ଏବଂ ମାତା ସୁଚରିତା ମହାପାତ୍ର ତାଙ୍କର ଏହି ସଫଳତା ପାଇଁ କଲେଜର ଅଧକ୍ଷ ଡ଼ଃ ପ୍ରଦୀପ କୁମାର ଗିରି ତାଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ଏହି ପରୀକ୍ଷା ଫଳ ପ୍ରକାଶ ପାଇବାପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଆସିଛି । ତେବେ ତାଙ୍କ ସଫଳତା ପଛରେ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ମାର୍ଗଦର୍ଶନ ଏବଂ ବିଭାଗୀୟ ମୁଖ୍ୟ ଅଧ୍ୟାପକ ରାଜେଶ କୁମାର ରାଉତରାୟଙ୍କ ଶିକ୍ଷାଦାନ ଶୈଳୀ, ପ୍ରେରଣା, ତଥା ଡେମୋନଷ୍ଟ୍ରେଟର ଜିତେନ୍ଦୁ କୁମାର ବେହେରାଙ୍କ ତତ୍ତ୍ୱାବଧାନ ସହିତ ପିତା ମାତା ଏବଂ ଗୁରୁଜନଙ୍କ ଆଶୀର୍ବାଦ ରହିଛି ବୋଲି ଅଭିପ୍ସା କହିଛନ୍ତି । ତେବେ ତାଙ୍କର ଏହି ସଫଳତାର ଶ୍ରେୟ ସେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର ଡ଼ଃ ବିଶ୍ୱଜିତ ରଥଙ୍କୁ ଦେଇଛନ୍ତି । ଆଗକୁ ଉଚ୍ଚଶିକ୍ଷା ନିମନ୍ତେ ଅଧକ୍ଷ ଡ. ଗିରି, ବିଭାଗୀୟ ଅଧ୍ୟାପକ ଶ୍ରୀ ରାଉତରାୟ ଓ ବିଶ୍ୱବିଦ୍ୟାଳୟ ପ୍ରଫେସର ରଥଙ୍କ ମାର୍ଗଦର୍ଶନ ରେ ଅନୁପ୍ରାଣିତ ହୋଇ ସ୍ନାତକତୋର ଶିକ୍ଷା ସହିତ ଉଚ୍ଚତର ଗବେଷଣା କରି ଅଣୁଜୀବ ବିଜ୍ଞାନୀ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି ।

## କ୍ରମାଗତ ଚୋରି ଓ ଲୁଟ ଘଟଣା, ଧରା ପଡୁନାହାଁନ୍ତି ଅଭିଯୁକ୍ତ




ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ଥାନାରେ କ୍ରମାଗତ ଭାବେ ସଶସ୍ତ୍ର ଲୁଟ ଓ ଚୋରୀ ଘଟଣା ଘଟିଚାଲିଥିବା ବେଳେ ଜଣେ ହେଲେ ଅଭିଯୁକ୍ତ ପୋଲିସ ହେପାଜତକୁ ଆସିପାରି ନାହାଁନ୍ତି । ଏଭଳିକି ଖଇରା ଥାନା ଠାରୁ ୧୫୦ମିଟର ଦୂର ଆଳଦା ବାଲିସାହି ରାସ୍ତାରେ ବନ୍ଧୁକ ଫଟାଇ ଅଳଙ୍କାର ଲୁଟ ଘଟଣାକୁ ୪ଦିନ ପୁରିଥିଲେ ହେଁ ଏ ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ନିକଟରେ ପହଂଚି ପାରୁନଥିବାରୁ ସର୍ବସାଧାରଣ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଖଇରାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗୁଡୁଥିବା ବେଳେ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଚୋରୀ ଓ ଲୁଟର ଶିକାର ହେଉଥିବା ସାଧାରଣ ଜନତାଙ୍କୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ କରିବାକୁ ବିଭିନ୍ନ ସଙ୍ଗଠନ ତରଫରୁ ଦାବି ହୋଇଛି । ୩ତାରିଖ ରାତିରେ ଗହଣା ବଜାରସ୍ଥିତ ରୁଦ୍ରକାନ୍ତ ଜୁଏଲାରୀ ମାଲିକ ରାମଚନ୍ଦ୍ର ସାହୁ ଦୋକାନ ବନ୍ଦକରି ପୁଅଙ୍କ ସହିତ ଗହଣା ଥିବା ବ୍ୟାଗଧରି ୨ଶହ ମିଟର ଦୂରତ୍ୱ ଆଳଦା ବାଲିସାହି ଘରକୁ ଯାଉଥିଲେ । ଇଣ୍ଡେନ ଗ୍ୟାସ କାର୍ଯ୍ୟାଳୟ ନିକଟରେ ୨ବାଇକରେ ୪ଜଣ ଲୁଟେରା ରାମଚନ୍ଦ୍ର ଓ ତାଙ୍କ ପୁଅକୁ ଅଟକାଇ ୨ରାଉଣ୍ଡ ଗୁଳି ଚଳାଇ ପ୍ରାୟ ୩୦ଲକ୍ଷ ଟଙ୍କାର ଗହଣା ଲୁଟି ନେଇଥିଲେ । ୪ତାରିଖରେ ସନ୍ଧାନୀ କୁକୁର ସହ ଜିଲା ସାଇ□ଫିକ ଟିମ ଘଟଣା ସ୍ଥଳରେ ପହଂଚି ଛାନଭିନ କରିଥିଲେ ହେଁ ତାଙ୍କୁ କୌଣସୀ ସୁରାକ ମିଳିନଥିଲା । ପୂର୍ବରୁ ୨୯ତାରିଖ ରାତିରେ ନୟାଖଣ୍ଡି ପ□ାୟତ ଆମ୍ବଗଡିଆ ଗ୍ରାମର ଶିକ୍ଷକ ସୁକାନ୍ତ ଜେନାଙ୍କ ଅନୁପସ୍ଥିତିରେ ଦୁବୃ□ ମାନେ ୫ଟି କୋଠରୀ ଓ ଆଲମିରା ତାଲା ଭାଙ୍ଗି ସୁନାରୂପା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ । ଦେବଗଡରେ ଶିକ୍ଷକତା କରୁଥିବା ସୁକାନ୍ତ ଓ ତାଙ୍କ ସ୍ତ୍ରୀ ଖବରପାଇ ଘରେ ପହ□ ଥାନାରେ ଅଭିଯୋଗ କରିଥିଲେ ହେଁ ତଦନ୍ତ କେବଳ ମାମଲା (୧୧୬/୨୬) ରୁଜୁରେ ସିମୀତ ରହିଛି । ତାର ୫ଦିନ ପୂର୍ବରୁ ଅର୍ଥାତ୍ ୨୪ତାରିଖ ରାତିରେ ସାରୁଗାଁର ମନୋରଞ୍ଜନ ନାୟକ ଓ ଚୈତା ଗାହାଣଙ୍କ ପରିବାର ଗାଁରେ ଚାଲୁଥିବା ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଦୃବୃ□ ମାନେ ଘରେ ପଶି କଳାକନା ବୁଲାଇ ଦେଇ ଫେରାର ହୋଇ ଯାଇଥିଲେ ଏ ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ଟେର ପାଉନଥିବା କୁହାଯାଉଛି । ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରେ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା କହିଛନ୍ତି ।

## ବରଯାତ୍ରୀ ଫେରୁଥିବାବେଳେ ବଲେରୋ ଗାଡ଼ି ଦୁର୍ଘଟଣାଗ୍ରସ୍ତ ୧୩ଆହତ

ବେତନଟୀ(ନିପ୍ର): ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ,୧୩ ବରଯାତ୍ରୀ ଆହତ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ । ମୟୁରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ୧୮ ନଂ ଜାତୀୟ ରାଜପଥ ର ବେତନଟୀ ଥାନା ଅନ୍ତର୍ଗତ ହଣ୍ଡାଶୋଳ ନିକଟରେ ବିଳମ୍ବିତ ରାତିରେ ଏକ ବୋଲେରୋ ଗାଡ଼ି ଏକ କଂଟେନର ଗାଡ଼ି ସହ ଧକ୍କା ହୋଇଛି । ବୋଲେରୋ ଟି ଏକ ଡାଇଭରସନ ରେ ଜାଣି ନ ପାରି କଂଟେନର ସହ ଧକ୍କା ହେବାରୁ ବୋଲେରୋଟି ରାସ୍ତା ଉପରେ ଓଲୋଟି ପଡ଼ିଥିଲା । ବୋଲେରୋ ରେ ଦୁଇ ମହିଳା ଙ୍କ ସମେତ ୧୩ଯାତ୍ରୀ ଥିଲେ, ସମସ୍ତେ ତାରାକୋଟି, ଖଡିଶୋଳ ଆଦି ଅଂଚଳର ଲୋକ ରହିଥିଲେ । ବୋଲେରୋଟି ଚିତ୍ରଡାକୁ ବରଯାତ୍ରୀ ଯାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ବୋଲେରୋ ଡ୍ରାଇଭର ଗାଡ଼ି ଛାଡ଼ି ଚମ୍ପଟ ମାରି ପଳାଇଥିବା ବେଳେ, ସ୍ଥାନୀୟ ଲୋକେ ବୋଲେରୋ ତଳୁ ଲୋକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବେତନଟୀ ଏବଂ ବାରିପଦା ମେଡିକାଲ କଲେଜକୁ ପଠାଇଥିଲେ । ବେତନଟୀ ପୋଲିସ ପହଂଚି ବୋଲେରୋ ଏବଂ କଂଟେନର କୁ ଜବତ୍ କରିଛି ।

## ଜଳ ଆବଂଟନକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ନୂଆପଡ଼ା(ନିପ୍ର): ବିଜେଡି ପକ୍ଷରୁ ପତୋରା ଅପର ଯୋଙ୍କ ଜଳ ସେଚନ ପ୍ରକଳ୍ପ ରେ ଜଳ ଆବଂଟନ ସମସ୍ୟା, ମନୁଷ୍ୟକୃତ ମରୁଡ଼ି ସମସ୍ୟା ର ଉପଯୁକ୍ତ କ୍ଷତିପୂରଣ ଦାବୀ ନେଇ ଜିଲ୍ଲାପାଳ ସଦଭାବନା ସଭା ଗୃହ ସମ୍ମୁଖରେ ଘେରାଉ ଏବଂ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଖଡ଼ିଆଳ ବିଧାୟକ, ବିଜେଡି ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ମାନେ ବୈଠକ ରୁ ଉଠି ଆସି ବିଜେଡି ଆନ୍ଦୋଳନରେ ସାମିଲ ହୋଇଥିଲେ । ବିଶେଷ ରୁପେ ମନୁଷ୍ୟ କୃତ୍ୟ ମରୁଡ଼ି ପରିସ୍ଥିତ ସତ୍ୟାସତ୍ୟ ତଦନ୍ତ କରି ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରିବା ସହ ବିଭାଗୀୟ ଅଧିକାରୀଙ୍କ ଭୁଲ କୁ ମଧ ଅନୁଧାନ କରି ବିଭାଗୀୟ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲପାଳ ମଧୁସୂଦନ ଦାସ ଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଅଛି । ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ସମେତ ବିଜେଡି ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ମାନେ ବୈଠକ ଯୋଗ ଦେଇ ପୁନର୍ବାର ବୈଠକ ସୁଚାରୁ ରୂପେ ଅନୁଷ୍ଠିତ ହୋଇଅଛି ।

**AFFIDAVIT**

By virtue of an affidavit sworn before Executive Magistrate, Khaira, Balasore dated 06.04.2026, I, Pintu Rout, aged about 55 years, S/o- Padmalochan Rout of Village- Chakamahasampur, Po- Mathtipur, PS- Khaira, Dist- Balasore declare that I have changed my name from Lambodar Rout to Pintu Rout. Henceforth, I shall be known as Pintu Rout for all purposes.

Sd/-
Pintu Rout

**Notice(for minor)**

By virtue of an affidavit sworn before NOTARY PUBLIC, MALKANGIRI on dated 16 march 2026, I,Mrs.BASANT MANJARI GANTAYAT, Village - Talasahi, Ps-Malkangiri, Dist-Malkangiri, Pin-764045, odisha declare that i have changed the name of son from YOSHRAJ GANTAYAT (Old name) to YASRAJ GANTAYAT(New name). Henceforth, he shall be known as YASRAJ GANTAYAT (New name) for all purposes.

BASANT MANJARI GANTAYAT











ସାଧୁମାନଙ୍କୁ ସେବା କଲେ ତିନୋଟି ଗୁଣ ମିଳେ- ବିନୟ, ପ୍ରଭୁଭକ୍ତି ଏବଂ ଉଦାରତା ।

# ଆଜିକାଲି




*ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥*
*(ଶ୍ରୀମଦ୍ ଭଗବଦ୍ ଗୀତା)*
*ଭାବାର୍ଥ:ରାଗ, ହିଂସା, କାମନା ଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି ।*

## ତାତି ବଢୁଛି ଏବଂ ଆଗକୁ ଆହୁରି

ଗତ କେତେ ଦିନ ହେଲା ଦିନ ବେଳେ ପ୍ରଚଣ୍ଡ ତାତି ସହ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରି ଦେଇଛି । ଏହି ସମୟରେ ପାଣିପାଗ ବିଭାଗରୁ ସୂଚନା ଆସିଛି ଯେ ତାତି ଆହୁରି ବଢ଼ିବ । ୧୦ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଏଭଳି ୩ ଦିନରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ବଢ଼ିବ । ରାଜ୍ୟର ପଶ୍ଚିମ ଓଡ଼ିଶାରେ ହିଟ୍‌ୱେଭ ଓ ଉପକୂଳରେ ପ୍ରବଳ ଗୁଳୁଗୁଳି ହେବ । କିନ୍ତୁ ମଝିରେ ମଝିରେ ତାତି ସମୟରେ ଯେଉଁଭଳି ଗୁଳୁଗୁଳି ହେଉଥିଲା ଏବଂ କେତେକ ସ୍ଥାନରେ ଝଡ଼ିବର୍ଷା ଲାଗି ରହୁଥିଲା ସେ ନେଇ କୌଣସି ସୂଚନା ଆସି ନାହିଁ । ଏହି ଦୃଷ୍ଟିରୁ ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ୪ ଦିନ ରାଜ୍ୟବାସୀଙ୍କୁ ଅଧିକ ସତର୍କ ରହିବାକୁ ସୂଚନା ଦିଆଯାଇଛି । ଅଂଶୁଘାତରୁ ବଂଚିବା ପାଇଁ ସକାଳ ୧୦ ଘଟିକାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରୁ ବାହାରକୁ ନ ବାହାରିବା ପାଇଁ ମନା କରାଯାଇଛି । ଏବେ ମଇ ମାସ ଚାଲିଛି । ଏହି ମାସରେ ତାତି ଓ ଗରମ ଅଧିକ ଥାଏ । ଏହା ସମୟରେ ଆଉ ଏକ ଭଲ ଖବର ମିଳିଛି ଚଳିତ ବର୍ଷ ନିର୍ଦ୍ଦିଷ୍ଟ ସମୟରେ ବର୍ଷା ଆସିବ ଏବଂ ଏ ବର୍ଷ ବର୍ଷା ଦିନରେ ସାରା ରାଜ୍ୟରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଚଳିତ ମାସ ଶେଷରୁ ଏବଂ ଜୁନ୍ ପ୍ରଥମ ସପ୍ତାହରେ ବର୍ଷା ଆଣ୍ଡାମାନ ଓ ନିକୋବର ଛୁଇଁପାରେ । ଯଦି ଏହା ସମ୍ଭବ ହୁଏ ତେବେ ଜୁନ ୧୦ ତାରିଖ ମଧ୍ୟରେ ବର୍ଷା ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଯଦିଓ ଏହି ସୂଚନା ମିଳିଛି ଏବଂ ଚାଷୀ ମାନଙ୍କ ମଧ୍ୟରେ ଖୁସିର ଖବର ଆସିଛି କିନ୍ତୁ ଭଲ ବର୍ଷା ନେଇ ସନ୍ଦେହ ପ୍ରକାଶ ପାଉଛି । ଅତୀତ ବର୍ଷ ମାନଙ୍କରେ ଏଭଳି ସୂଚନା ମିଳିଥିଲେ ମଧ୍ୟ ଜୁଲାଇ, ଅଗଷ୍ଟ ମାସରେ ବର୍ଷା ଉଭାନ ହୋଇ ଯାଏ ଏବଂ କୃଷିକ୍ଷେତ୍ରରେ ନାନା ସମସ୍ୟା ଦେଖାଯିବାର ସୂଚନା ରହିଛି । ଚଳିତବର୍ଷ ଭଲ ବର୍ଷା ହେବ ବୋଲି ସୂଚନା ମିଳିଥିବା ବେଳେ ଏହା କେତେଦୂର ସମ୍ଭବ ତାହା ସମୟ ହିଁ କହିବ । ଅତୀତରେ ମଧ ବର୍ଷା ଅଭାବରୁ ବହୁ ସ୍ଥାନରେ ମରୁଡ଼ି ପଡ଼ିଥିବା ନଜୀର ରହିଛି । ଏ ବର୍ଷ ତାହା କେତେଦୂର ସମ୍ଭବ ଏ ନେଇ ଚାଷୀକୂଳ ଦ୍ୱନ୍ଦରେ ପଡ଼ିବା ସ୍ୱାଭାବିକ । ରାଜ୍ୟର ଅଧିକାଂଶ ଜିଲ୍ଲାରେ ଜଳସେଚନର ସୁବିଧା ନାହିଁ । କେନାଲ ଓ ନଈପାଣି ମଧ ଶୁଖି ଗଲାଣି । ଏହି ଦୃଷ୍ଟିରୁ ବର୍ଷା ଏକମାତ୍ର କୃଷିପାଇଁ ସଫଳ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି ।

# ତୀର୍ଯ୍ୟକ

## କହିଲେ କହିବ କହୁଛି

ସଂପତି-ବାଡ଼ି, ଟଙ୍କା-କଉଡ଼ି ମାନବ ସମାଜକୁ ଏତେ ପରିମାଣରେ ଗ୍ରାସି ଥାଏ ଯେ, ତାହାର ସଠିକ୍ ଉପଯୋଗିତାକୁ ନ ବୁଝି କେବଳ ତାମସିକ ଭାବାପନ୍ନ ନେଇ ନିଜକୁ ପତନମୁଖୀ କରିଦେଇଥାଏ । ତଥା ସଂପତି, ଟଙ୍କା, ପଇସା ସମସ୍ତଙ୍କ ପାଇଁ, ସମସ୍ତଙ୍କୁ ନେଇ । ପରିବାରର ଯିଏ ଗୁରୁଦାୟିତ୍ୱ ବହନ କରିଥାଆନ୍ତି ଅର୍ଥାତ୍ ପ୍ରାୟତଃ ଜେଜେ ବାପା ଘରର ମୁଖ୍ୟ ଭାବେ ସଂପତି କିଣି ଥାଆନ୍ତି ଏବଂ ଭାବିଥାନ୍ତି ଏହି ସଂପତି ମୋର ସମସ୍ତ ପିଲାଙ୍କ ଉପଯୋଗ ନିମନ୍ତେ ନିହାତି ଲାଗିବ ଏବଂ ସେମାନେ ସଠିକ୍ ଭାବେ ଜୀବନ ନିର୍ବାହ କରିପାରିବେ । କିନ୍ତୁ ପରବର୍ତୀ ସମୟରେ ସେହି ସଂପତି ହିଁ କାଳ ସାଜିଥାଏ । ଭାଇ- ଭାଇ ମଧ୍ୟରେ, ଭାଇ- ଭଉଣୀ, ବାପା- ପୁଅ ମଧ୍ୟରେ ସଂପତି ପାଇଁ କଳିର ମଞ୍ଜି ବୁଣି ହୋଇଯାଏ । ଏମିତି କଳି ମଞ୍ଜି ସୃଷ୍ଟି ହୁଏ ଯେ, ପରବର୍ତୀ ସମୟରେ ଅଧିକାଂଶ ସ୍ଥଳରେ ତାହା ହତ୍ୟାର ରୂପ ମଧ୍ୟ ନେଇଥାଏ । ଆତ୍ମହତ୍ୟା, ହତ୍ୟା, ରକ୍ତପାତର ସୂଚନା ଯଦି ଏହାରି ମାଧ୍ୟମରେ ହୋଇଥାଏ ତାହାଲେ ସଂପତି ଭରଣପୋଷଣକରିବା ପରିବର୍ତେ ତାହା କ୍ଷତିସାଧନ କରିବା ଏକ କଳୁଷିତ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିବାହିତା ଝିଅ ଥିଲେ ବି ବାପ ଘରର ସମସ୍ତ ସଂପତିରେ ତା'ର ହକ୍ ନିହାତି ଥାଏ । ପୂର୍ବରୁ ଯଦିଚ ଏହି ବ୍ୟବସ୍ଥାରେ କିଛିଟା ଅଣଦେଖା କରାଯାଉଥିଲା କିନ୍ତୁ ବର୍ତମାନ ବାପ ଘରର ଯେତେ ଜଣ ଝିଅ ବାହା ହୋଇଥିବେ ସମସ୍ତ ସଂପତି ଉପରେ ବିବାହିତା ଝିଅ ଏବଂ ପୁଅ ମଧ୍ୟରେ ସମାନ ଭାବେ ଭାଗବ□। ହେବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବା ସତରେ ଖୁସି ଆଣି ଦେଇଛି । ତେବେ ବି ବର୍ତମାନ ମଧ୍ୟ ଏଥିପାଇଁ କଳହର ସୂତ୍ରପାତ ହେଉଥିବା ଦେଖିବାକୁ ମିଳୁଛି । ଘରର ସମସ୍ତ ସନ୍ତାନ ଯିଏ ଯେଉଁଠି ଥାଉନା କାହିଁକି ପରବର୍ତୀ ସମୟରେ ଭାଗବ□। ସମାନ କରାଯାଇ ତାହାକୁ ଦିଆଯିବା ଉଚିତ । କିନ୍ତୁ ତାହା ନ ହୋଇ କଳହ ହେବା ନଜରରେ ଆସୁଛି । ଜଣେ ଜଣକୁ କହୁଛି କି ମୁଁ ତ ସେବା କରୁଛି ସେଥିପାଇଁ ସମସ୍ତ ସଂପତି ମୁଁ ନେବି । ତାହାଲେ ଏଠି କୁହାଯାଇପାରେ କି ଏଇଟା ସେବା ନୁହଁ, ବରଂ ଲୋଭଗ୍ରସ୍ତ ହୋଇ ନିଜ ସ୍ୱାର୍ଥ ପାଇଁ ଏପରି ଅନୀତି କରାଯିବା । ପ୍ରତ୍ୟେକ ଘରେ ଘରେ ଏହି ଘଟଣା ଘଟିବାରେ ଲାଗିଛି । ଯଦ୍ୱାରା କି ମନୋମାଳିନ୍ୟର ସୂତ୍ରପାତ ନିହାତି ଘଟୁଛି । ପରିବାର ସଦସ୍ୟ ସଂପର୍କକୁ ନ ଦେଖି ସଂପତି ଅର୍ଥ ପଛରେ ଧାଇଁବା ମୁର୍ଖାମୀର କାରଣ । ଜଣେ ମଣିଷ କେତେ ଦିନ ସଂପତି ପଛରେ ଗୋଡେଇବ । ସେ ବୁଝି ପାରୁ ନାହିଁ ସଂପତି ପଛରେ ଗୋଟାଇଲେ କେବଳ ଦୁର୍ଭାଗ୍ୟ ହିଁ ସାଥୀ ହେବା ଚିରସ୍ଥାୟୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ଏହି ଅର୍ଥ ସଂପତି ପଛରେ ନ ଦୌଡ଼ି ବରଂ ସମସ୍ତ ସଂପତିକୁ ପରିବାରରେ ଯେତେ ଜଣ ସଦସ୍ୟ ରହିଛନ୍ତି ତାହାରି ମଧ୍ୟରେ ସମାନ ଭାବେ ଭାଗବ□। ହେଲେ ନିହାତି ଭାବେ ଭଗବାନ ସନ୍ତୁଷ୍ଟ ହେବେ । ଛୋଟ ଛୋଟ ପିଲାମାନଙ୍କୁ ପ୍ରତ୍ୟେକ ପରିବାରର ସଦସ୍ୟମାନେ ସେମାନଙ୍କୁ ଏପରି ଗୁଣ ଶିଖେଇବା ସରକାର ଯେ, ଯଦି ଆମେ ସ୍ୱାର୍ଥ ପଛରେ ଦୌଡ଼ିବା ତେବେ ଭବିଷ୍ୟତ ଜୀବନ ନିହାତି ଭାବେ ଦୁଃଖରେ କଟିବ ଏହା ସୁନିଶ୍ଚିତ । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଭଲ ପାଇବା ହିଁ ପ୍ରକୃତ ପକ୍ଷେ ସୁ ସଂପର୍କ । ବିନା ଦ୍ୱିଧାରେ ଜଣେ ଅନ୍ୟ ଜଣକୁ ସାହାଯ୍ୟ କରିବ, ଭଲରେ ପଦେ କଥା ହେବ, ହେଲେ ପ୍ରତ୍ୟେକ ସମସ୍ୟାକୁ ଦୂର କରିବା ପାଇଁ ସେ ନିଶ୍ଚିତ ଆଗେଇ ଆସିବ । ତେଣୁ ହିଂସା, ଦ୍ୱେଷ, ପରଶ୍ରୀକାତରତାକୁ ଆଡ଼େଇ ଦେଇ ଆମେ ଯଦି ଜଣେ ସୁ ସଂସ୍କୃତି ସଂପନ୍ନ ମଣିଷ ହୋଇପାରିବା ତାହାଲେ ଏ ଦୁନିଆ ବଦଳିଯିବ ଏବଂ ସଂପତି ପାଇଁ ପରସ୍ପର ପରସ୍ପର ମଧ୍ୟରେ ହଣାକଟାରୁ କ୍ଷାନ୍ତ ପଡ଼ିପାରିବ ।

# ସନ୍ଥକବି ଭୀମଭୋଇ

◆ଅଲେଖ ଚନ୍ଦ୍ର ସାମଲ, ଓଏଫଏସ-୧ (ଏସବି)



ଭୀମଭୋଇ (୧୮୪୬-୧୮୯୫) ବିଶ୍ୱର ଶ୍ରେଷ୍ଠ ଆଦିବାସୀ କବି । ଏକଧାରରେ ସେ ଥିଲେ କବି, ପଣ୍ଡିତ, ତତ୍ତ୍ୱଦର୍ଶୀ, କର୍ମଯୋଗୀ, ସଂସ୍କାରକ, ବିପ୍ଳବୀ, ଧର୍ମଯାଜକ, ମାନବବାଦୀ ଓ ସାମ୍ୟବାଦୀ ଚିନ୍ତାଧାରାର ମୂର୍ତିମନ୍ତ ପ୍ରତୀକ । ତତ୍କାଳୀନ ସମାଜରେ ପ୍ରଚଳିତ ଘୃଣ୍ୟ ଜାତିଭେଦ, ଅନ୍ଧବିଶ୍ୱାସ, କୁସଂସ୍କାର ଓ ବ୍ରାହ୍ମଣାଧିପତ୍ୟ କବଳରୁ ସମାଜକୁ ମୁକ୍ତ କରିବା ପାଇଁ ସେ ଥିଲେ ଅଙ୍ଗୀକାରବଦ୍ଧ । ଭୀମଭୋଇ ପ୍ରଥମେ କବି, ଦ୍ୱିତୀୟରେ ସାଧକ-ସଂସ୍କାରକ-ଧର୍ମଯାଜକ, ତୃତୀୟରେ ଗୃହସ୍ଥ ଏବଂ ଚତୁର୍ଥରେ ସନ୍ଥ-ସାଧକ-ବିପ୍ଳବୀ-ବୈରାଗୀ । ସେ ଆଦୌ ଅନ୍ଧ ନଥିଲେ, ବାଲ୍ୟ କାଳରେ କି କିଶୋର ଅବସ୍ଥାରେ ବା ଯୌବନାବସ୍ଥାରେ ଅଥବା ଜୀବନର ଶେଷ ଭାଗରେ । ସେ ବଂଚିଥିଲେ ମାତ୍ର ପଚାଶ ବର୍ଷ । ଏହି ସମୟ ମଧ୍ୟରେ ରଚନା କରିଥିଲେ ୧୩୨ ଖଣ୍ଡ ପୁସ୍ତକ । ସବୁଯାକ ଥିଲା, ତାଙ୍କର କଣ୍ଠସ୍ଥ । ଯେତେବେଳେ ଯେଉଁ ପୁସ୍ତକର, ଯେଉଁ ଅଧ୍ୟାୟର, ଯେଉଁ ପଦକୁ ବୋଲିବା ପାଇଁ କହିଲେ, ସେ ତତ୍କ୍ଷଣାତ ଗାଇ ଦେଉଥିଲେ । ଏହା ଥିଲା ଭୀମଭୋଇଙ୍କର ବୈଶିଷ୍ଟ୍ୟ । ତାଙ୍କ ରଚିତ ସ୍ତୁତି ଚିନ୍ତାମଣିକୁ ମହିମା ଧର୍ମର ବେଦ କହିଲେ ଅତ୍ୟୁକ୍ତି ହେବନାହିଁ । ୧୮୬୨ରେ ସେ ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ସାନ୍ନିଧ୍ୟ ଲାଭ ସହ ଏହି ଧର୍ମରେ ଦୀକ୍ଷିତ ହୋଇଥିଲେ । ସେତେବେଳେ ତାଙ୍କୁ ଷୋହଳ ବର୍ଷ । ତାହା ପରେ ତାଙ୍କୁ ଦିବ୍ୟ-ଜ୍ଞାନ ପ୍ରାପ୍ତ ହୋଇଥିଲା ଏବଂ ସେ ରାଶି ରାଶି ପୁସ୍ତକ ରଚନା ଏବଂ ମହିମା ଧର୍ମର ପ୍ରଚାର ପ୍ରସାର କରିଚାଲିଥିଲେ । ଭୀମଭୋଇଙ୍କ ପିତାମାତାଙ୍କ ପରିଚୟ ଅଜଣା ହୋଇରହିଛି । ଜଟାସିଙ୍ଗ (ଏବର ସୋନପୁର ଜିଲ୍ଲା ଅନ୍ତର୍ଗତ ବୀରମହାରାଜପୁରରେ) ଗାଁର ସନ୍ତାନହୀନ କନ୍ଧ ଦଂପତି ଗୁରୁବାରୀ ଓ ଦନାଇ ଭୋଇ ଗାଁ ମୁଣ୍ଡ ପୋଖରୀ ହୁଡ଼ା ନିକଟସ୍ଥ ତାଳବଣରୁ ତାଙ୍କୁ ପାଇ ଲାଳନପାଳନ କରିଥିଲେ ।

*ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ବାଲିଚନ୍ଦ୍ରପୁର, ଯାଜପୁର : ୯୪୩୭୨୫୭୧୨୩*

◆ଡ଼ଃ.ଅରୁନ୍ଧତୀ ଦେବୀ

ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା । ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ । ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି । ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର । ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି । ପଂଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ । ଭୀମ ଭୋଇ ନିଜ ଇଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ । ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ । ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ । ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା । ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ । ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ । ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ । ତାଙ୍କର କେତେକ ଅନୁଗାମୀ ଶ୍ରୀମନ୍ଦିର ଆକ୍ରମଣ କରିବାକୁ ଉଦ୍ୟମ କରିଥିବା, ଏକ ଐତିହାସିକ ଘଟନା । ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ : ୯୯୩୭୧୭୨୮୧୦*

# ଜୟନ୍ତୀ ଉପଲକ୍ଷେ

## ପ୍ରଫେସର ହୃଦାନନ୍ଦ ରାୟ



ପ୍ରସିଦ୍ଧ ଶିକ୍ଷକ, ଦାର୍ଶନିକ, ବାଗ୍ମୀ ପ୍ରଫେସର ହୃଦାନନ୍ଦ ରାୟ ଜୀବନର ଏକ ସମୟରେ କବିତା ଲିଖନ ପ୍ରତି ଆକର୍ଷିତ ହୋଇ ଥିଲେ । ତେବେ, ଦର୍ଶନ ପ୍ରତି ଅତ୍ୟାଗ୍ରହ, କ୍ରମେ ତାଙ୍କୁ କବିତା ଲିଖନରୁ ଦୂରେଇ ନେଇଥିଲା । ତାଙ୍କ ନିଜ ଭାଷାରେ କବିତା ଚାହୁଁଥିଲା କଳ୍ପନାବିଳାସ, ହୃଦୟର ମନ୍ଥନ ଓ ଭାବର ରୋମନ୍ଥନ । କିନ୍ତୁ ଦର୍ଶନ ଚାହିଁଲା କଳ୍ପନା ବିରହିତ ଶାଣିତ ଯୁକ୍ତିର ପଦ୍ଧତି । ମୁଁ ନିଜକୁ କଳ୍ପନାପ୍ରବଣ ନ କରି ବରଂ କଳ୍ପନାକୁ ଡରି, ଦର୍ଶନ ଚିନ୍ତାରେ ମନୋନିବେଶ କରିଚାଲିଲି । ସେ ଥିଲେ ନିଜକୁ କବି ଭାବୁଥିବା ଦାର୍ଶନିକ । ତେଣୁ ଧାରା ଶ୍ରାବଣ ପରି ଅନର୍ଗଳ କବିତା ବାହାରୁଥିଲା ତାଙ୍କ ତୁଣ୍ଡରୁ । କବିତା ମାଧ୍ୟମରେ ସେ ନିଜକୁ ପ୍ରକାଶ କରିବାକୁ ଭଲପାଉଥିଲେ । ତେବେ, ତାଙ୍କୁ ସମ୍ମୋହିତ କରି ରଖିଥିଲା ଦର୍ଶନଶାସ୍ତ୍ର । ବିଦ୍ୟାଳୟରେ ସ୍ୱପ୍ନ ଦେଖିଥିଲେ, ଦିନେ ନା ଦିନେ ଦର୍ଶନଶାସ୍ତ୍ରକୁ ଭେଟିବେ । ଆଉ ଭେଟିଥିଲେ ରାଭେନ୍‌ସା ମହାବିଦ୍ୟାଳୟର ଆଠ ନମ୍ବର ପ୍ରକୋଷ୍ଠରେ । ପିତା ଚାହୁଁଥିଲେ, ସେ ଆଇନ ପଢ଼ି, ବାରିଷ୍ଟର ହୁଅନ୍ତୁ । ତେବେ ପିତାଙ୍କ କଥା ନ ମାନି ହୃଦାନନ୍ଦ କାଶୀରେ ଦର୍ଶନଶାସ୍ତ୍ରରେ ଉଚ୍ଚ ଶିକ୍ଷା କରିଥିଲେ । ଆଉ ଉଚ୍ଚଶିକ୍ଷା ପରେ ଆରମ୍ଭ ହୋଇଥିଲା ଅଧ୍ୟାପନା । ଶ୍ରୀ ଜଗନ୍ନାଥ ତତ୍ତ୍ୱ ରହସ୍ୟ, ଆମେରିକା ଯେତିକି ଦେଖିଛି, ଯେତିକି ବୁଝିଛି, ଭାଗବତ ସମୀକ୍ଷା ଆଦି ତାଙ୍କ ଦ୍ୱାରା ଲିଖିତ କେତେକ ପ୍ରସିଦ୍ଧ ଗ୍ରନ୍ଥ । ତାଙ୍କ ଆତ୍ମଚରିତ ଜାଣେ ଅନୁଭବୀ ଅନୁଭବରେ । ୧୯୩୦ ମେ ଆଜିର ଦିନରେ ଜଗତ୍‌ସିଂହପୁର ଅନ୍ତର୍ଗତ ଗୋବିନ୍ଦତୋଟାରେ ସେ ଜନ୍ମ ହୋଇଥିଲେ ।

◆ ତ୍ରିନାଥ ଓଝା

ଓଡ଼ିଶା ଆଧ୍ୟାତ୍ମିକ ସାହିତ୍ୟ, ବାଗ୍ମୀତା, ପାଣ୍ଡିତ୍ୟ, ସରଳତା, ଦାର୍ଶନିକ ଚେତନାର ଅନନ୍ୟ ଦାର୍ଶନିକ ମହାନ ଲେଖକ ଥିଲେ ବାଗ୍ମୀ ହୃଦାନନ୍ଦ ରାୟ । ତାଙ୍କ ଜୀବନ ଚେତନା ଥିଲା ସମର୍ପିତ ଧର୍ମ ସଂସ୍କୃତି ଓ ଆଦର୍ଶବାଦ ତଥା ମାନବୀୟ ମୂଲ୍ୟବୋଧ ସଂସ୍କୃତିର । ସେ ଜଣେ ଅଗାଧ ଜ୍ଞାନର ବିଶାଳ ସମୁଦ୍ର ଥିଲେ । ତାଙ୍କ ଜୀବନ ଥିଲା ଅତ୍ୟନ୍ତ ସରଳ, ନିରାଡମ୍ବର ଓ ସମାଜର ସେବା ପାଇଁ ପ୍ରତିଟି ମୁହୂର୍ତ ସମର୍ପିତ ଚେତନାର ବ୍ୟାପ୍ତ ଦିଗନ୍ତ । ପ୍ରସିଦ୍ଧ ଶିକ୍ଷକ, ଦାର୍ଶନିକ, ବାଗ୍ମୀ ପ୍ରଫେସର ହୃଦାନନ୍ଦ ରାୟ ଜୀବନର ଏକ ସମୟରେ କବିତା ଲିଖନ ପ୍ରତି ଆକର୍ଷିତ ହୋଇଥିଲେ । ତେବେ, ଦର୍ଶନ ପ୍ରତି ଅତ୍ୟାଗ୍ରହ, କ୍ରମେ ତାଙ୍କୁ କବିତା ଲିଖନରୁ ଦୂରେଇ ନେଇଥିଲା । ତାଙ୍କ ନିଜ ଭାଷାରେ କବିତା ଚାହୁଁଥିଲା କଳ୍ପନାବିଳାସ, ହୃଦୟର ମନ୍ଥନ ଓ ଭାବର ରୋମନ୍ଥନ । କିନ୍ତୁ ଦର୍ଶନ ଚାହିଁଲା କଳ୍ପନା ବିରହିତ ଶାଣିତ ଯୁକ୍ତିର ପଦ୍ଧତି । ମୁଁ ନିଜକୁ କଳ୍ପନାପ୍ରବଣ ନ କରି ବରଂ କଳ୍ପନାକୁ ଡରି, ଦର୍ଶନ ଚିନ୍ତାରେ ମନୋନିବେଶ କରିଚାଲିଲି । ସେ ଥିଲେ ନିଜକୁ କବି ଭାବୁଥିବା ଦାର୍ଶନିକ । ତେଣୁ ଧାରା ଶ୍ରାବଣ ପରି ଅନର୍ଗଳ କବିତା ବାହାରୁଥିଲା ତାଙ୍କ ତୁଣ୍ଡରୁ । କବିତା ମାଧ୍ୟମରେ ସେ ନିଜକୁ ପ୍ରକାଶ କରିବାକୁ ଭଲପାଉଥିଲେ । ତେବେ, ତାଙ୍କୁ ସମ୍ମୋହିତ କରି ରଖିଥିଲା ଦର୍ଶନଶାସ୍ତ୍ର । ବିଦ୍ୟାଳୟରେ ସ୍ୱପ୍ନ ଦେଖିଥିଲେ, ଦିନେ ନା ଦିନେ ଦର୍ଶନଶାସ୍ତ୍ରକୁ ଭେଟିବେ । ଆଉ ଭେଟିଥିଲେ ରାଭେନ୍‌ସା ମହାବିଦ୍ୟାଳୟର ଆଠ ନମ୍ବର ପ୍ରକୋଷ୍ଠରେ । ପିତା ଚାହୁଁଥିଲେ, ସେ ଆଇନ ପଢ଼ି, ବାରିଷ୍ଟର ହୁଅନ୍ତୁ । ତେବେ ପିତାଙ୍କ କଥା ନ ମାନି ହୃଦାନନ୍ଦ କାଶୀରେ ଦର୍ଶନଶାସ୍ତ୍ରରେ ଉଚ୍ଚ ଶିକ୍ଷା କରିଥିଲେ । ଆଉ ଉଚ୍ଚଶିକ୍ଷା ପରେ ଆରମ୍ଭ ହୋଇଥିଲା ଅଧ୍ୟାପନା । ଶ୍ରୀ ଜଗନ୍ନାଥ ତତ୍ତ୍ୱ ରହସ୍ୟ, ଆମେରିକା ଯେତିକି ଦେଖିଛି, ଯେତିକି ବୁଝିଛି, ଭାଗବତ ସମୀକ୍ଷା ଆଦି ତାଙ୍କ ଦ୍ୱାରା ଲିଖିତ କେତେକ ପ୍ରସିଦ୍ଧ ଗ୍ରନ୍ଥ । ତାଙ୍କ ଆତ୍ମଚରିତ 'ଜାଣେ ଅନୁଭବୀ ଅନୁଭବରେ' । ସେଥିରେ ସେ ଅତି ସୁନ୍ଦର ଭାବରେ ତାଙ୍କ ଜୀବନ ଚେତନାକୁ ଉଲ୍ଲେଖ ରଖିଛନ୍ତି । ପୁସ୍ତକଟିରେ ୨୩ଟି ଅଧ୍ୟାୟ ଭିତରେ ସେ ସମ୍ପୂର୍ଣ୍ଣ ଉଲ୍ଲେଖ ରଖିଛନ୍ତି ତାଙ୍କ ତମାମ ଜୀବନ, ଆଧ୍ୟାତ୍ମିକତା ସଂସ୍କୃତି ଓ ସମାଜର ଜୀବନ ଚେତନାକୁ ନେଇ ଓ ତାଙ୍କ ଆଖପାଖର ମଣିଷ ମାନଙ୍କୁ ନେଇ । ୧୯୩୦ ମେ ୧୦ ତାରିଖ ଦିନରେ ଜଗତ୍‌ସିଂହପୁର ଅନ୍ତର୍ଗତ ଗୋବିନ୍ଦତୋଟାରେ ସେ ଜନ୍ମ ହୋଇଥିଲେ ।

# ସଂରକ୍ଷଣ ବ୍ୟବସ୍ଥାର ପ୍ରାଗ୍-ସ୍ୱାଧୀନତା ପୃଷ୍ଠଭୂମି

◆ ଅଧ୍ୟାପକ ଗୋପବନ୍ଧୁ, ଦର୍ଶନ ବିଭାଗ (ଅବସର ପ୍ରାପ୍ତ)

ସମ୍ବିଧାନରେ ସ୍ଥାନିତ ହୋଇଥିବା ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘ ପୃଷ୍ଠଭୂମି ରହିଛି । ଏହା କୌଣସି ତତ୍କାଳୀକ ସିଦ୍ଧାନ୍ତ ନୁହେଁ । ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ସର୍ବପ୍ରଥମେ କୋଲହାପୁର ରାଜ୍ୟରେ ୧୯୦୨ ମସିହାରେ ସରକାରୀ ସିଦ୍ଧାନ୍ତ ରୂପେ ଚାକିରୀ କ୍ଷେତ୍ରରେ ଅନଗ୍ରସର ଜାତିସମୂହଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା । ତତ୍କାଳୀନ କୋଲହାପୁର ମହାରାଜା ଶାହୁଜୀ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଏହା କାର୍ଯ୍ୟକାରୀ ହୋଇଥିଲା । ତେଣୁ ଶାହୁଜୀ ମହାରାଜଙ୍କୁ ସଂରକ୍ଷଣର ଜନକଭାବେ ସମ୍ବୋଧିତ କରାଯାଏ । ପ୍ରକାଶ ଥାଉକି ସେ ସମୟରେ ଏସଟି, ଏସସି ଓ ଓବିସି ପରି ଗୋଷ୍ଠୀର ଉଦ୍ରେକ ହୋଇନଥିଲା । ଏମାନେ ସମସ୍ତେ ଡିପ୍ରେସ୍ଡ କ୍ଲାସ୍ ବା ଅନଗ୍ରସର ଜାତି ସମୂହ ଭାବେ ପରିଚିତ ହେଉଥିଲେ । କେତେକ କ୍ଷେତ୍ରରେ ଏମାନେ ଶୂଦ୍ର ବା ଅସବର୍ଣ୍ଣ ଭାବେ ପରିଚିତ ହେଉଥିଲେ । ସେ ଏମାନଙ୍କୁ ସରକାରୀ ଚାକିରୀରେ ଶତକଡା ୫୦ ଭାଗ ସଂରକ୍ଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ସମାଜର ତଳ ଜାତିର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଇଥିଲେ । ଏହି କ୍ରମରେ ସେ ଡକ୍ଟର ବି. ଆର ଆମ୍ବେଦକରଙ୍କୁ ଉଚ୍ଚଶିକ୍ଷା ଲାଭପାଇଁ ସାହାଯ୍ୟ କରିଥିଲେ । ପରେ ଡକ୍ଟର ଆମ୍ବେଦକର ସମାଜ ସଂସ୍କାର ଦିଗରେ ଶାହୁଜୀ ମହାରାଜଙ୍କ ମୁଖ୍ୟ ସହଯୋଗୀ ହୋଇଥିଲେ । ୧୯୨୨ ମସିହାରେ ଶାହୁଜୀଙ୍କ ଦେହାନ୍ତ ପରେ ଏ ଆନ୍ଦୋଳନର ଦାୟିତ୍ୱ ଡକ୍ଟର ଆମ୍ବେଦକରଙ୍କୁ ବହନ କରିବାକୁ ପଡିଥିଲା । ସେତେବେଳେକୁ ମୁସଲିମ୍ ଲିଗ୍ ମୁସଲମାନ ମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଦାବୀ ଆରମ୍ଭ କରିଦେଇଥିଲା । ଆମ୍ବେଦକରଙ୍କ ନେତୃତ୍ୱରେ ଅନଗ୍ରସର ଜାତିସମୂହ ସଂଗଠିତ ହୋଇ ସମାନ ସାମାଜିକ ଅଧିକାର ପାଇଁ ଲଢୁଥାନ୍ତି ଓ ନିଜର ସ୍ଥିତିକୁ ଜାହିର କରିସାରିଥାନ୍ତି । ଏହା ସହିତ ଏମାନଙ୍କ ଶିକ୍ଷାଗତ ଓ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ନେବା ପାଇଁ ବ୍ରିଟିଶ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଥାନ୍ତି । ସେ ସମୟରେ ଭାରତବର୍ଷର ଶାସନ ଇଂଲଣ୍ଡରୁ ଚାଲିଥାଏ । ଭାରତୀୟ ଶାସନର ନିୟମ ଇଂଲଣ୍ଡରେ ତିଆରି ହେଉଥାଏ । ୧୯୧୯ ରେଗୁଲେସନ ଆକ୍ଟ ଅନୁଯାୟୀ ଶାସନ ଚାଲିଥାଏ । ଭାରତୀୟମାନଙ୍କୁ ଅଧିକ କ୍ଷମତା ପ୍ରଦାନ ପାଇଁ କଂଗ୍ରେସ ଦାବୀ କରୁଥାଏ । ୧୯୧୯ ଆକ୍ଟର ସଂଶୋଧନ ଓ ଅଧିକ କ୍ଷମତା ପ୍ରଦାନ ପାଇଁ ବ୍ରିଟିଶ ସରକାର ସାର୍ ଜନ୍ ସାଇମନଙ୍କ ନେତୃତ୍ୱରେ ୧୯୨୮ ମସିହାରେ ଏକ କମିଶନ ଅନୁଧ୍ୟାନ ପାଇଁ ପଠାନ୍ତି । କଂଗ୍ରେସ ଏହାକୁ ବିରୋଧ କରେ । କିନ୍ତୁ ଡକ୍ଟର ଆମ୍ବେଦକର ବହିଷ୍କୃତ ହିତକାରିଣୀ ସଭା ତରଫରୁ ସାଇମନ କମିଶନକୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରନ୍ତି । ଯେଉଁଥିରେ ସେ ଦଳିତ ଓ ସମାଜର ତଳ ସ୍ତରର ଲୋକମାନଙ୍କ ଦୁରାବସ୍ଥାକୁ ଉଲ୍ଲେଖ କରି ଏମାନଙ୍କ ପାଇଁ ନିର୍ବାଚନ ମଣ୍ଡଳୀରେ, ମନ୍ତ୍ରୀମଣ୍ଡଳରେ ତଥା ଚାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବୀ କରନ୍ତି । ଏହାହିଁ ଥିଲା ସମ୍ବିଧାନିକ ସଂରକ୍ଷଣର ପ୍ରଥମ ପଦକ୍ଷେପ ।

ସାଇମନ କମିଶନଙ୍କ ରିପୋର୍ଟ ଆଧାରରେ ବିଭିନ୍ନ ରାଜନୈତିକ ସଂଗଠନ ମଧ୍ୟରେ ସହମତି ଆଣିବା ପାଇଁ ୧୯୩୦ ମସିହାରେ ଇଂଲଣ୍ଡରେ ପ୍ରଥମ ଗୋଲଟେବୁଲ୍ ବୈଠକ ଅନୁଷ୍ଠିତ ହୁଏ । କଂଗ୍ରେସ ଏହି ବୈଠକକୁ ପ୍ରତ୍ୟାଖାନ କରେ । ଡକ୍ଟର ଆମ୍ବେଦକର ଏହି ବୈଠକରେ ଯୋଗ ଦିଅନ୍ତି । ସେଠାରେ ସେ ଘୃଣ୍ୟ ଜାତିବ୍ୟବସ୍ଥାର ଶୀକାର ହୋଇ ଆସିଥିବା ଦଳିତ ଓ ସମାଜର ତଳ ଜାତିର ଲୋକମାନଙ୍କର ସ୍ୱତନ୍ତ୍ର ମାନ୍ୟତା ଦାବି କରନ୍ତି ଓ ଏମାନଙ୍କ ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ନୀତିର କର୍ଯ୍ୟକାରୀ ପାଇଁ ଦାବୀ କରନ୍ତି । ପୁଣି ୧୯୩୧ ମସିହାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ବସେ । ଏଥିରେ କଂଗ୍ରେସ ସମେତ ସମସ୍ତ ସଂଗଠନ ଯୋଗ ଦିଅନ୍ତି । ଆଲୋଚନା କାଳରେ ମୁସଲିମ୍ ଲିଗ୍ ସମେତ ଅନେକ ଗୋଷ୍ଠୀ ନିଜର ସ୍ୱାର୍ଥ ସପକ୍ଷରେ ମତ ଦିଅନ୍ତି ଓ ନିଜର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି । ଡକ୍ଟର ଆମ୍ବେଦକର ମଧ୍ୟ ସମସ୍ତ ଦଳିତ ଓ ଅନଗ୍ରସର ସମାଜର ସ୍ୱତନ୍ତ୍ର ମାନ୍ୟତା ଓ ସମାନୁପାତିକ ଅଧିକାର ଉପରେ ଗୁରୁତ୍ୱ ଦିଅନ୍ତି । ଏ ବିଷୟକୁ ନେଇ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କ ମତାନ୍ତର ହୋଇଥିଲା । ମହାତ୍ମା ଗାନ୍ଧୀ ବର୍ଣ୍ଣବ୍ୟବସ୍ଥାକୁ ସ୍ୱୀକାର କରୁଥିଲେ । ତେଣୁ ଦଳିତ ଓ ଅନଗ୍ରସର ଜାତିମାନଙ୍କୁ ହିନ୍ଦୁ ସମାଜ ବ୍ୟବସ୍ଥାର ଅଂଶବିଶେଷ ବୋଲି ଗ୍ରହଣ କରୁଥିଲେ । କିନ୍ତୁ ଡକ୍ଟର ଆମ୍ବେଦକରଙ୍କ ଯୁକ୍ତି ଥିଲା ବର୍ଣ୍ଣବ୍ୟବସ୍ଥା ଯୋଗୁଁ ଦଳିତ ଓ ସମାଜର ତଳ ସ୍ତରର ଲୋକମାନେ ଅସମାନତା, ଘୃଣା ଓ ନିର୍ଯ୍ୟାତନାର ଶୀକାର ହେଉଛନ୍ତି । ତେଣୁ ଏମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ମିଳିବା ଦରକାର । ଯଦି ସଂଖ୍ୟାଲଘୁ ମାନଙ୍କ ସ୍ୱାତନ୍ତ୍ରତାକୁ ସ୍ୱୀକାର କରାଯାଇ ପାରିବ, ତେବେ ଦଳିତମାନଙ୍କ ସ୍ୱାତନ୍ତ୍ରତାକୁ ସ୍ୱୀକାର କରାଯିବ ନାହିଁ କାହିଁକି ? ଏହାପରେ ୧୯୩୨ ରେ ତୃତୀୟ ଗୋଲଟେବୁଲ ବୈଠକ ବସିଥିଲା ଓ ସେଥିରୁ ମଧ୍ୟ କୋଣସି ନିର୍ଯ୍ୟାସ ଆସିପାରି ନଥିଲା । ଏଥିରେ କଂଗ୍ରେସ ସମେତ ମୁଖ୍ୟ ସଂଗଠନଗୁଡିକ ଯୋଗଦେଇ ନଥିଲେ । କିନ୍ତୁ ଡକ୍ଟର ଆମ୍ବେଦକର ଯୋଗଦେଇ ଦଳିତ ଓ ଅନଗ୍ରସର ଜାତିମାନଙ୍କ ବିକାଶ ଓ ସମାନ ପ୍ରତିନିଧିତ୍ୱ କଥା ଦୋହରାଇ ଥିଲେ । ସାଇମନ କମିଶନଙ୍କ ରିପୋର୍ଟ ଓ ଗୋଲଟେବୁଲ ବୈଠକର ନିର୍ଯ୍ୟାସ ଉପରେ ବ୍ରିଟିଶ ସରକାରଙ୍କ ଦ୍ୱାରା ୧୯୩୨ ମସିହାରେ କମ୍ୟୁନାଲ ଏୱାର୍ଡ ପ୍ରକାଶ ପାଇଥିଲା । ଏହା ଥିଲା ଏକ ପ୍ରକାର ସଂରକ୍ଷଣ ବ୍ୟବସ୍ଥା । ଏଥିରେ ପ୍ରତ୍ୟେକ କମ୍ୟୁନିଟି ପାଇଁ ରାଜନୈତିକ ସଂରକ୍ଷଣର ବ୍ୟବସ୍ଥା ଥିଲା । ଅର୍ଥାତ୍ ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ୍, ଆଙ୍ଗ୍ଲୋ ଇଣ୍ଡିଆନ୍ ସମେତ ଦଳିତ ବର୍ଗ (ଡିପ୍ରେସ୍ଡ କ୍ଲାସ) ମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଆସନର ବ୍ୟବସ୍ଥା କରାଯାଇ ଥିଲା । ମହାତ୍ମା ଗାନ୍ଧୀ ସଂଖ୍ୟାଲଘୁ ସଂରକ୍ଷଣକୁ ବିରୋଧ କରି ନଥିଲେ । କିନ୍ତୁ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କ ସଂରକ୍ଷଣକୁ ବିରୋଧ କରି ଆମରଣ ଅନଶନ ଆରମ୍ଭ କରିଥିଲେ । କମ୍ୟୁନାଲ ଏୱାର୍ଡ ମୁତାବକ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ ଟି ପୃଥକ ସଂରକ୍ଷିତ ଆସନ ପ୍ରଦାନ କରାଯାଇ ଥିଲା । ସେ ସମୟରେ ସେ ୟାରଧା ଜେଲରେ ବନ୍ଦୀ ଥିଲେ । ସେ ବର୍ଣ୍ଣବ୍ୟବସ୍ଥାର ସମର୍ଥକ ଥିଲେ । ହିନ୍ଦୁଧର୍ମ ମଧ୍ୟରେ ଜାତିଭିତିକ ସଂରକ୍ଷଣ ଦ୍ୱାରା ଏହା ଭାଗଭାଗ ହୋଇଯିବ ଓ ଏକତା ନଷ୍ଟ ହୋଇଯିବ ବୋଲି ତାଙ୍କ ଆଶଙ୍କା ଥିଲା । ଅନଶନ ଦୀର୍ଘଦିନ ଧରି ଚାଲିଲା । କ୍ରମେ ତାଙ୍କ ସ୍ୱାସ୍ଥାବସ୍ଥା ଜଟିଳ ହେବାକୁ ଲାଗିଲା । ଚାରିଆଡୁ ଆମ୍ବେଦକରଙ୍କ ଉପରେ ଚାପ ସୃଷ୍ଟି କରାଗଲା ସ୍ୱତନ୍ତ୍ର ସଂରକ୍ଷିତ ଆସନ ଦାବିରୁ ଓହରି ଯିବା ପାଇଁ । ବହୁ ଆଲୋଚନା ପରେ ଆମ୍ବେଦକର ରାଜି ହେଲେ ଦୈତ୍ୟ ସଂରକ୍ଷଣ ବ୍ୟବସ୍ଥା ପାଇଁ । ଏହି ବ୍ୟବସ୍ଥା ଅନୁଯାୟୀ ସଂରକ୍ଷିତ ଆସନରୁ ଦୁଇଜଣ ପ୍ରତିନିଧିତ୍ୱ କରିବେ । ଜଣେ ସାଧାରଣ ବର୍ଗରୁ ଓ ଜଣେ ଦଳିତ(ଡିପ୍ରେସ୍ଡ) ବର୍ଗରୁ । ଏହି ବ୍ୟବସ୍ଥାରେ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ ଟି ଆସନ ବଦଳରେ ୧୪୭ ଟି ଆସନ ମିଳିବାର ସହମତି ହେଲା । ଏହି ନୀତିକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ସେପଟେମ୍ବର ୨୪ ତାରିଖ, ୧୯୩୨ ମସିହାରେ ଯେଉଁ ସ୍ୱାକ୍ଷର ହୋଇଥିଲା ତାହା ପ୍ରସିଦ୍ଧ ପୁନା ପ୍ୟାକ୍ଟ ବା ପୁନା ଚୁକ୍ତି ନାମରେ ଖ୍ୟାତ । ଏହାକୁ ସ୍ୱାଧୀନ ଭାରତର ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଗ୍ ସମ୍ବିଧାନୀକ ଚୁକ୍ତି ବୋଲି କୁହାଯାଇ ପାରେ । ଏହି ଚୁକ୍ତି ଡକ୍ଟର ଆମ୍ବେଦକାରଙ୍କ ଇଚ୍ଛାମତେ ହୋଇନଥିଲେ ବି ଏହା ଦ୍ୱାରା କିଛି ପାଇବାର ଶୁଭାରମ୍ଭ ହୋଇଥିଲା । ପ୍ରଚଳିତ ଜାତିବାଦୀ ବ୍ୟବସ୍ଥା ଅନଗ୍ରସର ଜାତି ସମୂହକୁ କିଛି ଅଧିକାର ଦେବା ପାଇଁ ରାଜି ହୋଇଥିଲା । ତେଣୁ ସମତା ଆନ୍ଦୋଳନର ଏହା ଏକ ଯୁଗାନ୍ତକାରୀ ସୋପାନ ଭାବେ ବିବେଚନା କରାଯାଏ । ପରବର୍ତୀ କାଳରେ ଏହି ଚୁକ୍ତିର ଗୁରୁତ୍ୱ ବ୍ରିଟିଶ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ ହେବାକୁ ଲାଗିଲା । ସମ୍ବିଧାନ ରଚନା କାଳରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମ୍ୟାନ ଭାବେ ଡକ୍ଟର ଆମ୍ବେଦକର ସାମାଜିକ ସମତା ଆନ୍ଦୋଳନର ସମସ୍ତ ଅଭିଜ୍ଞତାକୁ ଏଥିରେ ସ୍ଥାନିତ କରିଥିଲେ । ପୁନାଚୁକ୍ତି ଦ୍ୱାରା ପ୍ରାପ୍ତ ହୋଇଥିବା ଅନଗ୍ରସର ଜାତିଙ୍କର ସ୍ୱତନ୍ତ୍ର ମାନ୍ୟତାକୁ ସେ କାମରେ ଲଗାଇ ଥିଲେ । ସାମାଜିକ ସ୍ଥିତି ଓ ବିକାଶର ତାରତମ୍ୟକୁ ଦେଖି ଏମାନଙ୍କୁ ତିନି ଗୋଷ୍ଠୀରେ ବିଭକ୍ତ କରିଥିଲେ । ତାହା ହେଉଛି ଅନୁସୂଚିତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗ । ଏମାନଙ୍କ ବିକାଶ ନିମିତ ସମ୍ବିଧାନରେ ସେ ସମସ୍ତ ପ୍ରକାର ବ୍ୟବସ୍ଥା କରିଯାଇଛନ୍ତି । ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ବ୍ୟବସ୍ଥା ସ୍ଥାନିତ କରିଛନ୍ତି । ସ୍ୱାଧୀନତା ପରର ସାମ୍ବିଧାନିକ ସଂରକ୍ଷଣ ପୁନାଚୁକ୍ତିର ପ୍ରସାରିତ ଓ ପରିବର୍ତିତ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥାର ପୂର୍ଣ୍ଣ ଶ୍ରେୟ ଡକ୍ଟର ଆମ୍ବେଦକରଙ୍କୁ ଦେଲେ ତାହା ଆଦୌ ଅନୁଚିତ ହେବ ନାହିଁ ।

*ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦*











# ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

ସମ୍ବଲପୁର (ହି.ସ.)- ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ରେଡକ୍ରସ ସୋସାଇଟି ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ ଆନ୍ଦୋଳନର ପ୍ରତିଷ୍ଠାତା ସାର୍ ଜିନ୍ ହେନେରୀ ଡୁନାଂଟଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ବିଶ୍ୱ ରେଡକ୍ରସ୍ ଦିବସ' ପାଳନ ଅବସରରେ ଚଳିତ ବର୍ଷର ବିଷୟବସ୍ତୁ 'ମାନବିକତା ପାଇଁ ଏକଜୁଟ' କୁ ପାଥେୟ କରି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଓ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲପାଳ(ସାଧାରଣ) ଅଶୋକ କୁମାର ଭୋଇ, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲପାଳ(ସାଧାରଣ) ଶ୍ରୀ ଭୋଇ ନିଜ ବକ୍ତବ୍ୟରେ ମାନବ ସେବା କ୍ଷେତ୍ରରେ ରେଡକ୍ରସର ଭୂମିକା ଓ ଥାଲିଶିମିଆ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ରେଡକ୍ରସର ସମସ୍ତ ଦୁଃଖୀ ଦରିଦ୍ରଙ୍କ ଅସୁବିଧା ସମୟରେ ବରଦାନ ସାବ୍ୟସ୍ତ ହୋଇଛି । ରେଡକ୍ରସ ରକ୍ତଦାନ ହେଉଛି ମହତ୍ ଦାନ ଏବଂ ଜଣଙ୍କର ରକ୍ତଦାନ ଅନ୍ୟ ଜଣଙ୍କୁ ଜୀବନଦାନ ଦେଇପାରେ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ ବିଶେଷକରି ଯୁବପିଢ଼ି ଓ ସରକାରୀ କର୍ମଚାରୀମାନେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ । ଆଜିର ଏହି ରକ୍ତଦାନ ଶିବିରରେ ମୋଟ ୭୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସେହିପରି ମୋଟ୍ ୬୪ ଜଣଙ୍କୁ ମାଗଣାରେ ଚକ୍ଷୁ ପରୀକ୍ଷା ଯୋଗାଇ ଦିଆଯାଇଥିଲା । ଏହି ଶିବିରରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ, ଜିଲ୍ଲା ପ୍ରଶାସନର କର୍ମଚାରୀ ଏବଂ ସାଧାରଣ ଜନତା ରକ୍ତଦାନ କରିଥିଲେ । ରେଡକ୍ରସର ଏହି ମହତ ପ୍ରୟାସକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରୀ ଦଳ ଏବଂ ରେଡକ୍ରସର ସ୍ୱେଚ୍ଛାସେବୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଏହି ଅବସରରେ ରକ୍ତଦାତାମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ସମ୍ବଲପୁର ଜିଲ୍ଲା ରେଡକ୍ରସ୍ ସୋସାଇଟି ପକ୍ଷରୁ ସର୍ବାଧିକ ଅର୍ଥରାଶି ସଂଗ୍ରହ କ୍ଷେତ୍ରରେ ଡେପୁଟି କଲେକ୍ଟର (ଜୁଡିସିଆଲ୍) ନିରଞ୍ଜନ ସାହୁଙ୍କୁ ପ୍ରଥମ ସ୍ଥାନ, ରେଢ଼ାଖୋଲ ତହସିଲଦାରଙ୍କୁ ଦ୍ୱିତୀୟ ସ୍ଥାନ ଏବଂ ସମ୍ବଲପୁର ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କୁ ତୃତୀୟ ସ୍ଥାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟାନ୍ୟ ପ୍ରମୁଖ ବିଭାଗ ମଧ୍ୟରେ ସମ୍ବଲପୁର ମହାନଗର ନିଗମ, ବାମରା ମଙ୍ଗଳ ଉନ୍ନୟନ ଅଧିକାରୀ, ସି.ଏସ୍.ଓ (ସମ୍ବଲପୁର), ଅବକାରୀ ବିଭାଗ ଅଧିକ୍ଷକ, ଜିଲ୍ଲା ସମାଜକଲ୍ୟାଣ ବିଭାଗ, ଆଂଚଳିକ ପରିବହନ ବିଭାଗ ଙ୍କୁ ରେଡକ୍ରସ୍ ପାଣ୍ଠିକୁ ସହାୟତା ପ୍ରଦାନ କରିଥିବାରୁ ପ୍ରଶଂସା ପତ୍ର ପ୍ରଦାନ କରା ଯାଇଥିଲା । ଏହି ଅବସରରେ ରେଡକ୍ରସ ପାଣ୍ଠି ସଂଗ୍ରହ ଏବଂ ନୂତନ ସଦସ୍ୟ ପଞ୍ଜୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବଲପୁର ଜିଲ୍ଲାର ପ୍ରେମରାଜ ନିଆଲ (ନିହାଲ ସିଂ) - ପୃଷ୍ଠପୋଷକ, ଜିଲ୍ଲା ରେଡକ୍ରସ ଶାଖା, ସମ୍ବଲପୁର, ଶ୍ରୀମତୀ ମୋମିନା ଖାତୁନ - ଉପ-ପୃଷ୍ଠପୋଷକ, ଜିଲ୍ଲା ରେଡକ୍ରସ ଶାଖା, ସମ୍ବଲପୁର, ଡାକ୍ତର ସୁଶୀଲ କୁମାର ବେହେରା - ଆଜୀବନ ସଦସ୍ୟ, ଜିଲ୍ଲା ରେଡକ୍ରସ ଶାଖା, ସମ୍ବଲପୁର ତିନିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ରେଡକ୍ରସର ମହତ ଆଦର୍ଶକୁ ସମାଜରେ ପ୍ରସାରିତ କରିବା ଏବଂ ପାଣ୍ଠି ସଂଗ୍ରହ ମାଧ୍ୟମରେ ମାନବିକ ସେବାକୁ ସୁଦୃଢ଼ କରିବାରେ ସମ୍ପୃକ୍ତ ସମାଜସେବୀ ମାନଙ୍କର ପ୍ରଶଂସନୀୟ କାର୍ଯ୍ୟକୁ ଅତିରିକ୍ତ ଜିଲ୍ଲାପାଳ ରେଡକ୍ରସ ଶାଖାର ଉପାଧ୍ୟକ୍ଷ ଉଚ୍ଚ ପ୍ରଶଂସା କରିଥିଲେ । ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନଜନକ 'ପ୍ରଶଂସା ପତ୍ର' ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ରେଡକ୍ରସ ସମ୍ପାଦିକା ରୋଜାଲିନା ତିର୍କୀ ପରିଚାଳନା କରିଥିଲେ ।

## ହାଇ ଆଲର୍ଟରେ ସମ୍ବଲପୁର ସହର

ସମ୍ବଲପୁର : (ହି.ସ.) କିଛି ଦିନ ଧରି ସମ୍ବଲପୁର ସହରରେ ଏକ ପ୍ରକାର ଅପରାଧିକ କାର୍ଯ୍ୟକଳାପ, ବେଆଇନ ମାଦକଦ୍ରବ୍ୟ ଚୋରା ଚାଲାଣ ଭଳି କାର୍ଯ୍ୟକଳାପ ରୋକିବା ପାଇଁ ଏବେ ସମଗ୍ର ସମ୍ବଲପୁର ସହରରେ ପୋଲିସ ପକ୍ଷରୁ ଜୋରଦାର ଛାନଭିନ୍ ଜାରି ରହିଛି । ସହରରେ କୌଣସି ଅପରିଚିତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି, ଅପରାଧିକ କାର୍ଯ୍ୟକଳାପର ସୁରାକ୍ ମିଳିବା ମାତ୍ରେ ପୋଲିସକୁ ସୂଚନା ଦେବା ପାଇଁ ଲୋକଙ୍କୁ ସଚେତନ କରିବା, ନିୟମିତ ଗାଡ଼ିରେ ପାଟ୍ରୋଲିଂ ସହ ଏବେ ସଶସ୍ତ୍ର ପୋଲିସ ସ୍କ୍ୱାର୍ଡ ଚାଲି ଚାଲି ସହରର ସମସ୍ତ ଛକ, ପଡ଼ା, ବସ୍ତି ଓ ସନ୍ଦେହ ଜନକ ସ୍ଥାନ ଗୁଡିକୁ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି ।

# ରକ୍ତଦାନ ଶିବିର

ଭଦ୍ରକ : ଭଦ୍ରକ ବ୍ଲକ ସରମଙ୍ଗା ଶନି ମନ୍ଦିର ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ସମାଜସେବୀ ଚନ୍ଦନ କୁମାର ମହାପାତ୍ରଙ୍କ ଜନ୍ମ ବାର୍ଷିକ ଅବସରରେ ଅନୁଷ୍ଠିତ ଏହି ଶିବିରକୁ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଉମେଶ ଚନ୍ଦ୍ର ଜେନା ଉଦଘାଟନ କରି ରକ୍ତଦାନ କରିବାକୁ ଆସିଥିବା ଦାତା ମାନଙ୍କୁ ଏହା ଶ୍ରେଷ୍ଠ ସେବା ବୋଲି କହିଥିଲେ । ଭଦ୍ରକ ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜନ୍ମ ଦିନକୁ ସ୍ମରଣୀୟ କରିବା ନେଇ ରକ୍ତଦାନ ଶିବିର ଆୟୋଜନ ମହାନ୍ କାର୍ଯ୍ୟ ବୋଲି କହିଥିଲେ । ବରିଷ୍ଠ ନାଗରିକ ପ୍ରଶାନ୍ତ କୁମାର ମହାପାତ୍ର, ପଶ୍ଚିମ ଭଦ୍ରକ ବରିଷ୍ଠ ନାଗରିକ ମହାସଂଘର ଉପ-ସଭାପତି ବସନ୍ତ କୁମାର ମହାପତ୍ର, ସମ୍ପାଦକ ରାମଚନ୍ଦ୍ର ପଣ୍ଡା, ସ୍ଥାନୀୟ ସରପଚଂ ଅକ୍ଷୟ ପ୍ରସାଦ ମହାନ୍ତି, ପୂର୍ବତନ ସରପଚଂ ଦେବୀଦତ୍ତା ମହାନ୍ତି ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଭଦ୍ରକ ରକ୍ତଭାଣ୍ଡାରର ଡାକ୍ତର ବିମଳା ମିଶ୍ର, ରତିକାନ୍ତ ବଳ, ନିଳିମା ସ୍ୱାଇଁ, ଅରୁଣ କୁମାର ପରିଡା, ରବିନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ ପୋଗ୍ରାମ୍ ମ୍ୟାନେଜର ପ୍ରମୋଦ କୁମାର ଭୂୟାଁ, ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁରେଶ କୁମାର ପ୍ରଧାନ, ଦୋଳ ଗୋବିନ୍ଦ ଧଳ, ଗଙ୍ଗାଧର ରାଉଳ, ଶରତ ମହାନ୍ତି, ହରିହର ବାରିକ, କୃଷ୍ଣ ଚନ୍ଦ୍ର ରାଉଳଙ୍କ ସମେତ ଶନି ମନ୍ଦିର ଟ୍ରଷ୍ଟର ସଭ୍ୟ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ

# ଗୃହିଣୀ ; ଗୃହର ଲକ୍ଷ୍ମୀ, ଅର୍ଥର ସୁଦକ୍ଷା ପରିଚାଳିକା, ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ର ଚତୁର୍ଥ ସନ୍ଧ୍ୟା

ଭଦ୍ରକ (ହି.ସ.) - ଜଣେ ଗୃହିଣୀ ରୋଜଗାରହୀନା ଏବଂ ଅଯଥା ଖର୍ଚ୍ଚ କରି ଗୃହର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦିଏ ;ଏକ ଭ୍ରାନ୍ତ ଧାରଣା । ବରଂ ଗୃହର ଆର୍ଥିକ ସମ୍ବଳ ସହ ଅନ୍ୟାନ୍ୟ ସମ୍ବଳକୁ ସଦୁପଯୋଗ ସହ ସଠିକ୍ ପରିଚାଳନା କରି ଗୃହଲକ୍ଷ୍ମୀ ସାଜିଥାଏ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଭୂମି କନ୍ୟା ମହିଳା ସଙ୍ଗଠନର ସଭାନେତ୍ରୀ ସଂଯୁକ୍ତା ବଳ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ, ସରୋଜ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପିକା ଭାନୁମତୀ ମାଟିଆ ମୁଖ୍ୟ ବକ୍ତା, ସେବା ନିବୃତ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ, ସଂଗଠିକା ତଥା ସରକାରୀ ଅଧିବକ୍ତା ଅଞ୍ଜୁବାଳା ରାଉତ, ଉପଜିଲ୍ଲାପାଳଙ୍କ ବିଭାଗୀୟ ଅଧିକାରୀ ଜେମାମଣି ନାୟକ, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ର,କବି ତଥା ସଂଗଠକ ନିର୍ମଳ ଚନ୍ଦ୍ର ବେହୁରିଆ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଭଦ୍ରକର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସେବିକା ଅନ୍ନପୂର୍ଣ୍ଣା ଦେବୀଙ୍କ ସ୍ମୃତିରେ ଚତୁର୍ଥ ସନ୍ଧ୍ୟା ମଂଚକୁ ଉତ୍ସର୍ଗ କରାଯାଇଥିଲା । ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସଭାନେତ୍ରୀ କଳ୍ପନା ଜେନା ସ୍ୱାଗତ ଭାଷଣ, ଓ ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ସହସମ୍ପାଦିକା ଚୈତାଳି ଖିଲାର ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ ଓ ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଇଂ. ଅଭୟ ସୂତାର,ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ନୀହାର ରଞ୍ଜନ କର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ପଣ୍ଡା ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ । ଏମ୍.ଏମ. ଡ୍ୟାନ୍ସ ଗ୍ରୁପ୍, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଓଭରଲୋଡ଼ ବାଲି ବୋଝେଇ ହାଇୱା ଜବତ

ଧର୍ମଶାଳା: ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଲଙ୍କାବାଲିସାହି ଅଂଚଳରୁ ଓଭର ଲୋଡ ବାଲି ବୋଝେଇ ହାଇୱା ଜବତ କରାଯାଇଛି । ବ୍ରାହ୍ମଣୀ ନଦୀରୁ ଓଭର ଲୋଡ ବାଲି ବୋଝେଇ କରି ନେଇ ଯାଉଥିବା ଏକ ହାଇୱା (ଓଡି୨୨ଡବ୍ଲ୍ୟୁ୮୩୩୫)କୁ ପୁଲିସ ଧରି ଥିଲା । ଜବତ ସମୟରେ ଗାଡି ଓଭର ଲୋଡ ଥିବା ବେଳେ ଚାଳକ ଜଣକ ଆଶ୍ୟକୀୟ କାଗଜପତ୍ର ଦେଖାଇ ପାରି ନ ଥିଲେ । ତେବେ ହାଇୱାକୁ ଥାନାରେ ଅଟକ ରଖା ଯାଇଥିବା ଜଣାପଡିଛି । ବ୍ରହ୍ମବରଦା ଥାନା ଅଂଚଳରେ ଓଭର ଲୋଡିଂ ବାଲି ବୋଝେଇ ହାଇୱା ନେଇ ଯାଉଥିବା ନେଇ ଜିଲା ପ୍ରଶାସନ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ।

# ବୌଦ୍ଧ ଜିଲ୍ଲାର ବିଭିନ୍ନ ଗ୍ରାମରେ ବାଲ୍ୟ ବିବାହ ନିଷେଧ ଆଇନନେଇ ସଚେତନତା ସଭା

ବୌଦ୍ଧ : (ହି.ସ.) ବୌଦ୍ଧ ଜିଲା ରଇଠାଣି ଓ କରଡି ଗ୍ରାମ ଠାରେ ବିଶ୍ୱ ଯୁବ କେନ୍ଦ୍ର ସଂସ୍ଥାର ପ୍ରୟାସ ଓ ସହଯୋଗରେ ବାଲ୍ୟ ବିବାହ ନିଷେଧ ଆଇନନେଇ ସଚେତନତା ସଭା ଅନୁଷ୍ଠିତ ହୋଇଛି । ପ୍ରୋଗ୍ରାମ କାଉନସ୍ଲେର ସ୍ୱେତା ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ସମାଜରୁ ବାଲ୍ୟ ବିବାହ ଭଳି କୁପ୍ରଥାକୁ ସମୂଳେ ନିରାକରଣ କରିବା ଏବଂ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ନେଇ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହର ଭୟାବହ କୁପରିଣାମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହିତ ବାଲ୍ୟ ବିବାହ ନିଷେଧ ଆଇନ ଓ ଏହା ସହ ସଂପୃକ୍ତ ଦଣ୍ଡ ବିଧାନ ବିଷୟରେ ମଧ୍ୟ ସମସ୍ତଙ୍କୁ ସଚେତନ କରାଯାଇଥିଲା । ସଭାରେ ଅପରିପକ୍ୱ ବୟସରେ ବିବାହ ହେବା ଫଳରେ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା, ଶିକ୍ଷାରୁ ବଂଚିତ ହେବା, ମାତୃମୃତ୍ୟୁ ଓ ପୌଷ୍ଟିକ ଅଭାବ ପରି ଗୁରୁତର ସମସ୍ୟା ଉଦ୍ଭବ ହେବା ଆଦି ବିଷୟ ରେ ଆଲୋଚନା କରାଯାଇଥିଲା । ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କୁପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟ ବିବାହ ସମ୍ପର୍କିତ ସୂଚନା ତୁରନ୍ତ ପ୍ରଶାସନ କିମ୍ବା ସମ୍ପର୍କିତ ବିଭାଗକୁ ଜଣାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହିଅବସରରେ ସମସ୍ତେ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଏକତ୍ରିତ ଭାବେ ଶପଥ ଗ୍ରହଣ କରିଥିଲେ । ସମାଜରେ ସଚେତନତାର ଆଲୋକ ପ୍ରଜ୍ୱଳିତ କରି ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସୁରକ୍ଷିତ ଓ ଶିକ୍ଷିତ ପରିବେଶ ସୃଷ୍ଟି କରିବାର ସଙ୍କଳ୍ପ ନେଇଥିଲେ ।ସଚେତନତା ସଭାରେ ଅନେକ ଅଙ୍ଗନୱାଡ଼ି କର୍ମୀ, ୱାର୍ଡ ସଭ୍ୟ, ବରିଷ୍ଠ ବ୍ୟକ୍ତିବର୍ଗ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ସମାଜିକ ଦାୟିତ୍ୱବୋଧର ପରିଚୟ ପ୍ରଦାନ କରିଥିଲେ ।

# ଜିଲ୍ଲା ସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ

ମାଲକାନଗିରି : (ହି.ସ.)ମାଲକାନଗିରି ମହାବିଦ୍ୟାଳୟ ସଭାଗୃହରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ଅଧକ୍ଷ ଡକ୍ଟର ଚିତରଞ୍ଜନ ବାରିକଙ୍କ ଅଧକ୍ଷତାରେ ପାଳିତ ହୋଇଛି କ୍ଷ ଏହି ସଭାରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ପ୍ରଧାନ ଯୋଗଦାନ କରି ସ୍ୱେଚ୍ଛାସେବୀଙ୍କୁ ସାର୍ ଜିନ ହେନେରୀ ଡୁନାଟ ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସେବା କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରଥମେ ରେଡ଼କ୍ରସର ପ୍ରତିଷ୍ଠାତାଙ୍କ ଫୋଟୋ ଚିତ୍ରରେ ଅତିଥିଙ୍କ ଦ୍ୱାରା ପୁଷ୍ପ ମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ମୁଖ୍ୟବକ୍ତା ରୂପେ ଦୀପ୍ତି ରଞ୍ଜନ ସାହୁ, ଉପଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ରେଡ଼କ୍ରସର ଆଜୀବନ ସଦସ୍ୟ ହେବାପାଇଁ ଉପଦେଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ଜିଲ୍ଲା ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ଆଜିର ଦିବସର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ତଥା ସମ୍ପାଦକ ବିଘ୍ନେଶ୍ୱର ପୀଡିଶିକା ଅତିଥି ପରିଚୟ ପ୍ରଦାନ ସହ ମଂଚ ପରିଚାଳନା କରିଥିଲେ । ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଯୁବ ରେଡ଼କ୍ରସର ସ୍ୱେଚ୍ଛାସେବୀ ଶୁଭଲକ୍ଷ୍ମୀ ସାହୁ, ସୁନେଲି ମହାରଣା, ଅମ୍ବିକା ଖରା, ସନାତନ କବାସୀ, ସୁରଜ ମଲ୍ଲିକ, ଇପ୍ସିତା ଦାସ, ଜି. ସରସ୍ୱତୀ ଉପସ୍ଥିତ ରହି ମହାଆଡମ୍ବରେ ପାଳନ କରିବା ପାଇଁ ସାହାଯ୍ୟ କରିଥିଲେ । ଶପଥ ଗ୍ରହଣ ସହ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଶହେରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ରହିଥିଲେ କ୍ଷ ସଭା ଶେଷରେ ଶ୍ରୀଯୁକ୍ତ ପୀଡିଶିକା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅକର୍ମଣ୍ୟ ବାବାଜୀଙ୍କ ପରିବାରକୁ ସହଯୋଗର ହାତବଢ଼ାଇଲା ପ୍ରଦେଶସେବା ସଂଗଠନ

ଭଦ୍ରକ : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ପିରାହାଟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପ୍ରଦେଶ ସେବା ସଂଗଠନ ପକ୍ଷରୁ ଚାନ୍ଦବାଲି ବ୍ଲକ ଅଧିନ ବଡ଼ରୂପା ଗ୍ରାମର ଜଣେ ଅସହାୟ ପରିବାରକୁ ସହଯୋଗର ହାତ ବଢ଼ାଇଛି ।ନିଜ ପରିବାରର ସମସ୍ତ ବୋଝ ଉଠାଉଥିଲେ ଘରର ରୋଜଗାରିଆ ପୁଅ ବାବାଜୀ ପରିବାର କହିଲେ ଅନ୍ଧ ବୁଢୀ ମା, ସ୍ତ୍ରୀ ଓ ଦୁଇଟି ପିଲା. ବାବାଜୀ ବାହାର ରାଜ୍ୟରେ ଏକ କନଷ୍ଟ୍ରକ୍ସନ କମ୍ପାନୀରେ କାମ କରୁଥିବାବେଳେ ଦୁଇ ମହଲା ଛାତରୁ ପଡିଯିବା ଫଳରେ ତାଙ୍କର ମେରୁଦଣ୍ଡରେ ଗଭୀର ଆଘାତ ଲାଗିବା ସହ ସେ କୋମା ଅବସ୍ଥାକୁ ଚାଲିଯାଇଥିଲେ । ସେଠାରେ ତାଙ୍କୁ ଦୀର୍ଘ ଦିନ ଧରି ଚିକିତ୍ସା କରାଯାଇଥିଲା ।ଜମିବାଡ଼ି ଯାହାଥିଲା ସବୁ ଚାଲିଗଲା । ଶେଷରେ କୌଣସି ଉପାୟ ନପାଇ ବାବାଜୀଙ୍କୁ ନିଜ ଘର ମତୋ ବଡ଼ରୁପା ଗାଁକୁ ନେଇଆସିଥିଲେ । ଗାଁର ନୁଆଁଣିଆ ଚାଳଛପର ଘରେ ଆକର୍ମଣ୍ୟ ହୋଇ ଦୀର୍ଘ ଦିନ ହେଲା ପଡିରହିଛନ୍ତି ।ମାଟି ଚଟାଣ ଉପରେ ଶୋଇ ଶୋଇ ତାଙ୍କର ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇ ସଂକ୍ରମଣ ହୋଇଗଲାଣି । ଏପରି ଅବସ୍ଥାରେ ବାବାଜୀଙ୍କ ସ୍ତ୍ରୀ ସ୍ୱାମୀର ଚିକିତ୍ସା ଓ ପରିବାରର ବୋଝ କିପରି ଉଠାଇବେ ଅସହାୟ ହୋଇ ପରର କାମଧନ୍ଦା କରି ଯାହା ଦିପଇସା ଆଣୁଛନ୍ତି ସେଥିରେବା କଣ ହୋଇପାରିବ ।ଏହି ଖବର ୮ ମାସ ତଳେ ପୀରହାଟ ପ୍ରଦେଶସେବା ସଂଗଠନର ନଜରକୁ ଆସିବାପରେ ସଂଗଠନର ସଦସ୍ୟ ମାନେ ବଡ଼ରୁପା ଗାଁରେ ପହଂଚି ବାବାଜୀ ଓ ତାଙ୍କ ପରିବାର ଅବସ୍ଥା ଦେଖି ଦୁଃଖିତ ହୋଇଥିଲେ । ସଂଗଠନ ପକ୍ଷରୁ ଅସହାୟ ପରିବାରଙ୍କୁ ଦିଆଯାଉଥିବା ମାସିକ ରେସନ ଯୋଜନାରେ ସାମିଲ କରି ପ୍ରତି ମାସ ପରିବାର ଚଳିବାପାଇଁ ଆବଶ୍ୟକ ରେସନସାମଗ୍ରୀ ଯୋଗାଇ ଦେଉଛନ୍ତି । ହେଲେ ସ୍ୱାମୀର ମାସିକ ଔଷଧ ଖର୍ଚ୍ଚ, ପିଲାଙ୍କ ପାଠପଢା ଓ ଘରର ଅନ୍ୟନ୍ୟ ଖର୍ଚ୍ଚ ଭରଣା କରିବା ପାଇଁ ଅସହାୟ ମହିଳା ଜଣକ ଯେପରି ସ୍ୱାବଲମ୍ବି ହୋଇପାରିବେ ତାହା ସଂଗଠନର ସଦସ୍ୟ ମାନେ ବିଚାର ବିମର୍ଷ କରି ଏକ ଦୋକାନ ଖୋଲିଦେବାକୁ ନିଷ୍ପତି ନେଇଥିଲେ । ଆଜି ସଂଗଠନର ସଦସ୍ୟ ମାନେ ସମସ୍ତ ଦୋକାନ ସାମଗ୍ରୀ ଧରି ବଡ଼ରୁପା ଗାଁରେ ପହଂଚି ବାବାଜୀଙ୍କ ଘରେ ଏକ ତେଜରାତି ଦୋକାନ ଖୋଲି ଦେଇଛନ୍ତି । ଏହା ଦେଖି ବାବାଜୀଙ୍କ ପରିବାର ଖୁସି ହେବାସହ ସଂଗଠନର ସଦସ୍ୟଙ୍କୁ ଆଶ୍ରିବାଦ କରିଥିଲେ ।ସଂଗଠନର ସଭାପତି ରଞ୍ଜନ ମିଶ୍ରଙ୍କ ତତ୍ୱାବଧାନରେ ସମ୍ପାଦିକା ସୁଭଦ୍ରା ଭାରତୀ, ଉପଦେଷ୍ଟା କ୍ଷୀରୋଦ ବିହାରି ଦାଶ, ମମତା ରାଉତ, ହରିହର ମହାନ୍ତି, ଧ୍ରୁବଚରଣ ପାଣିଗ୍ରାହୀ,ଆର୍ତ୍ତବଲ୍ଲଭ ବାରିକ, ଗୌତମ ମିଶ୍ର, ସୁପ୍ରଭା ମିଶ୍ର, ଆଲୋକ ବିକାଶ ପ୍ରିୟଦର୍ଶୀ, ମାଧବା ନନ୍ଦ ପଶୁ ପାଳକ, ନରେନ୍ଦ୍ର ମହାନ୍ତି, ଧୀରେନ୍ଦ୍ର ବାରିକ, ସବିତା ମହାନ୍ତି, ସନ୍ୟାସୀ ସାହୁ, ସବିତା ମହାନ୍ତି ଓ ସୁନୀଲତା ନାୟକ ପ୍ରମୁଖ ବାବାଜୀଙ୍କ ପରିବାରକୁ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ପ୍ରଦେଶ ସେବା ସଂଗଠନ ଅସହାୟଙ୍କ ଆଶାର ବାଡ଼ି ସାଜି ତିହିଡି ଓ ଚାନ୍ଦବାଲି ବ୍ଲକର ୨୫ଟି ଅସହାୟ ପରିବାରକୁ ମାସିକ ରେସନ ସାମଗ୍ରୀ ଯୋଗାଉ ଥିବା ସହ ନନ୍ଦପୁର ତାରିଣୀ ଛକରେ ଅସହାୟ ବୃଦ୍ଧ -ବୃଦ୍ଧା ବାପା - ମା, ହଳଦିଆରେ ଅସହାୟ ବିଧବା ମା, ଚାନ୍ଦବାଲିରେ ସତ୍ୟ ବ୍ରତ ଦାସଙ୍କ ବିଧବା ପତ୍ନୀ, ହରସିଂହ ପୁରରେ ସ୍ୱର୍ଗତ କୃଷ୍ଣ ଦଳେଇଙ୍କ ବିଧବା ପତ୍ନୀ ପୀରହାଟରେ ଜଣେ ଅସହାୟ ମା ସମେତ ଜିଲ୍ଲାର ବିଭନ୍ନ ସ୍ଥାନରେ ୧୫ରୁ ଉର୍ଦ୍ଧ ଅସହାୟଙ୍କୁ ସ୍ୱାବଲମ୍ବି କରିବା ପାଇଁ ଦୋକାନ ଖୋଲିଦେଇ ସହଯୋଗର ହାତ ବଢ଼ାଇ ଜିଲ୍ଲାରେ ବୁଦ୍ଧିଜୀବୀ ମହଲରୁ ପ୍ରଶଂସା ସାଉଁଟୁଛି ।

# ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତି ସହ ବିକ୍ରି ଚାଲିଛି ଗୁପଚୁପ୍, ପ୍ରଶାସନର ଚଢ଼ଉ ଦାବି

ଜୟପୁର : (ହି.ସ.)- କୋରାପୁଟ ଜିଲାରେ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଓ ବିକ୍ରି ଚାଲିଛି ଗୁପଚୁପ୍ । କୋରାପୁଟ ଜିଲାର ଜୟପୁର ସହର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡରେ ଚାଲିଛି ଜୋରସୋରରେ ଗୁପଚୁପ ବେପାର । ଛୋଟ ଠାରୁ ବଡ ଯାଏ ଗୁପଚୁପ ନାଁ ଶୁଣିବା ମାତ୍ରେ ପାଟିରୁ ଲାଳ ବୋହିଯାଇଥାଏ । ସେ ପୁଅ ହେଉ କି ଝିଅ, ଯୁବକ ହେଉକି ଯୁବତୀ, ପୁରୁଷ ହେଉକି ମହିଳା ପ୍ରାୟ ସମସ୍ତଙ୍କ ଗୁପଚୁପ ପ୍ରତି ଦୁର୍ବଳତା ଥାଏ । ଯେଉଁଥି ପାଇଁ କୋରାପୁଟ ଜିଲା ଜୟପୁର ସହର ତଥା ଏହାର ଆଖପାଖ ଅଂଚଳର ମୁଖ୍ୟରାସ୍ତା କଡର ରାଜ୍ୟ ବାହାରର ବହୁ ବ୍ୟବସାୟୀ ଠେଲାଗାଡିରେ ଗୁପଚୁପ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ ଗୁପଚୁପର ଚାହିଦାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେଲା ବିବାହ, ବ୍ରତ ସମେତ ଅନ୍ୟ କେତେକ ମାଙ୍ଗଳିକ କାର୍ଯ୍ୟକ୍ରମରେ ଓ ଭୋଜିଭାତରେ ବି ଗୁପଚୁପର ପସରା ପଡୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଦୁଃଖର କଥା ଏହି ଗୁପଚୁପ ବିକ୍ରୀ ସ୍ଥାନକୁ ଥରେଗଲେ ତାକୁ ଖାଇବାକୁ ଆଉ ମନ ବଳାଇବେ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଜୟପୁର ସହରର କେତେକ ମୁଖ୍ୟରାସ୍ତା ପାର୍ଶ୍ୱରେ ରାଜ୍ୟ ବାହାରର ବହୁ ଗୁପଚୁପ ବ୍ୟବସାୟୀ ସ୍ୱଚ୍ଛତା ଭୁଲି ଯାଇ ଅସ୍ୱାସ୍ଥ୍ୟକର ପରି ବେଶ ମଧ୍ୟରେ ଗୁପଚୁପ ବିକ୍ରୀ କରୁଥିଲେ ମଧ୍ୟ ଯାଂଚ୍ କରିବା ଦିଗରେ ପ୍ରଶାସନର ପଦକ୍ଷେପ ନେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ରାସ୍ତାକଡରେ ଠେଲାରେ ବିକ୍ରୀ ହେଉଥିବା ପାଟି ସୁଆଦିଆ ଗୁପଚୁପ ଖାଇ ବହୁ ବ୍ୟକ୍ତି ନାନା ପ୍ରକାର ପେଟରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ ହେଉଛି । ପାଟିକୁ ସୁଆଦ ଲାଗୁଥିବା ଗୁପଚୁପର ଆଳୁଚକଟା ଓ ଖଟା ପାଣିକୁ ବାହାର ରାଜ୍ୟର କେତେକ ବ୍ୟବସାୟୀ କେଉଁ ପରିବେଶରେ ତିଆରି କରୁଛନ୍ତି ତାହା ଯାଂଚ୍ କରିବା ଦିଗରେ କାହାର ନଜର ପଡୁନଥିବା ଅଭିଯୋଗ ହେଉଛି । ଏହା ସତ୍ତ୍ୱେ ପାଟିକୁ ସୁଆଦ ଲାଗିବା ଓ ଜିହ୍ୱାଲାଳସାରେ ବହୁ ବ୍ୟକ୍ତି ଗୁପଚୁପ ପ୍ରତି ମୋହ ତୁଟାଇ ନପାରି ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ ତାହା ଖାଉଥିଲା ବେଳେ ଅସାଧୁ ଗୁପଚୁପ ବିକାଳୀ ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି । ଗୁପଚୁପ ଖାଇବା ପାଇଁ ବିଭିନ୍ନ ସ୍କୁଲ କଲେଜ ଠାରୁ ଆରମ୍ଭକରି ରାସ୍ତାକଡରେ ଗ୍ରାହକଙ୍କ ଭିଡ ଜମୁଛି । ଦୈନିକ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଗୁପଚୁପ ବ୍ୟବସାୟ ଜୟପୁର ଅଂଚଳରେ ହେଉଥିବା ଆକଳନ କରାଯାଉଛି । ଓଡିଆ ବ୍ୟବସାୟୀଙ୍କ ଅପେକ୍ଷା ରାଜ୍ୟ ବାହାରର କେତେକ ବ୍ୟବସାୟୀ ଜୟପୁରରେ ଗୁପଚୁପ ବେପାର କରିଆସୁଥିବା ଦେଖିବାକୁ ମିଳୁଛି । ବିନା ଫୁଡ ଲାଇସେନ୍ସରେ ଗୁପଚୁପ ବ୍ୟବସାୟ କରୁଥିବା ବାହାର ରାଜ୍ୟର ବ୍ୟବସାୟୀମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗାନଯିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ । ବାସ୍ତବିକ ଭାବେ ରାସ୍ତାକଡରେ ବିକ୍ରୀ ହେଉଥିବା ଗୁପଚୁପ ଓ ଖଟାପାଣି ଗୁଡିକ ସ୍ୱାସ୍ଥ୍ୟ ପ୍ରତି ଉପଯୋଗୀ କି ନାହିଁ ତାହା ଯାଂଚ୍ କରିବା ଜରୁରୀ ହୋଇପଡିଛି । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପ୍ରସ୍ତୁତ ଓ ବିକ୍ରୀ ହେଉଥିବା ଗୁପଚୁପର ମାନ ଯାଂଚ୍ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହେଉଛି । ପ୍ରଶାସନ ତୁରନ୍ତ ଚଢ଼ଉ କରିବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

# ବୌଦ୍ଧ ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଛି ନିଶା କାରବାର

ବୌଦ୍ଧ: (ହି.ସ.) - ସବୁଜ ଜହର ଗଞ୍ଜେଇ ପାଇଁ ବୌଦ୍ଧ ଜିଲା କୁଖ୍ୟାତି ଅର୍ଜନ କରିଥିବା ବେଳେ ଏବେ ବ୍ରାଉନ ସୁଗାର ଭଳି ନିଶା ଦ୍ରବ୍ୟର କାରବାର ଓ ବ୍ୟବହାର ନିଜର କାୟା ମେଲାଇବାରେ ଲାଗିଛି । ବୌଦ୍ଧ ଜିଲାରେ ଦିନକୁ ଦିନ ବୃଦ୍ଧି ପାଉଛି ନିଶା କାରବାର । ଜିଲ୍ଲାରେ ଏହି ଧଳା ଜହର କାରବାର ବୃଦ୍ଧି ପାଉଥିବାରୁ ଯୁବାବର୍ଗ ବିଶେଷ ଭାବରେ ପ୍ରଭାବିତ ହେବା ସହିତ ସେମାନଙ୍କ ଭବିଷ୍ୟତ ଓ ପରିବାର ନଷ୍ଟ ହେଉଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖା ଦେଇଛି କ୍ଷ ଇତିମଧ୍ୟରେ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧରେ ବୌଦ୍ଧ ପୁଲିସ ମଧ୍ୟ ଅଭିଯାନ ଚଳାଇଛି । ବୌଦ୍ଧ ମଡେଲ ଥାନା ପୁଲିସ ଏକ ବ୍ରାଉନ ସୁଗାର ରାକେଟ୍ କୁ ଧରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ୍ ଏହି ସୂଚନା ପ୍ରଦାନ କରିଛନ୍ତି । ଜଗଦୀଶପୁର ଛକରୁ ବୌଦ୍ଧ ସହରକୁ ବ୍ରାଉନ ସୁଗାର ଆଣୁଥିବା ବେଳେ ପୁଲିସ ଚଢ଼ାଉ କରି ଚାରିଜଣଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ପ୍ରୀତମ ଦେହୁରୀ ଓରଫ ଭାଲୁ ,ପ୍ରଦୀପ କୁମାର ସେଠୀ, ବିଶ୍ୱନାଥ ଭୋଇ ଓ ସତ୍ୟବ୍ରତ ସିଂହ । ପୋଲିସ ସେମାନଙ୍କ ନିକଟରୁ ପ୍ରାୟ ୩୦ ଗ୍ରାମ ବ୍ରାଉନ ସୁଗାର ଯାହାର ଆନୁମାନିକ ମୂଲ୍ୟ ତିନି ଲକ୍ଷ ଟଙ୍କା ହେବ, ନଗଦ ୧୫୦୦ ଟଙ୍କା, ଫୋଲ୍ଡିଂ ଛୁରୀ, ମାଟି ଚିଲମ ଓ ବ୍ୟବହୃତ କାଗଜ ପୁଡିଆ ଜବତ କରିଛି । ପ୍ରାରମ୍ଭିକ ତଦନ୍ତ ପ୍ରକାରେ ପ୍ରୀତମ ଦେହୁରୀ ବାଲେଶ୍ୱର ଅଂଚଳରୁ ମାଦକ ଦ୍ରବ୍ୟ ଆଣି ସ୍ଥାନୀୟ ଅଂଚଳରେ ବିକ୍ରି କରୁଥିଲା । ଏହି ଘଟଣାରେ ମଡେଲ ଥାନା କେସ୍ ନଂ-୨୧୨, ତାରିଖ ୦୬.୦୫.୨୦୨୬ ଅନୁଯାୟୀ ଏନଡିପିଏସ୍ ଆଇନ ଅନୁସାରେ ମାମଲା ରୁଜୁ ହୋଇଛି । ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ଏସ୍ ପି କହିଛନ୍ତି ଯେ ବୌଦ୍ଧ ପୁଲିସ ଜିଲ୍ଲାରେ ମାଦକ ଦ୍ରବ୍ୟ କାରବାର ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରୁଥିବା ବେଳେ ଏହି ରାକେଟ୍ର ମୂଳ ସୂତ୍ରଧରଙ୍କ ପର୍ଯ୍ୟନ୍ତ ପହଂଚିବାକୁ ତଦନ୍ତ ଜାରି ରହିଛି । ଏହାସହିତ ଜିଲ୍ଲାରେ ବେଆଇନ ମାଦକ ଦ୍ରବ୍ୟର ଚୋରା କାରବାର ଓ ଚାଲାଣକୁ ଦୃଢ଼ ହସ୍ତରେ ଦମନ କରାଯିବ ବୋଲି ଏସପି କହିଛନ୍ତି । ସାମ୍ବାଦିକ ମାନଙ୍କ ସମ୍ମୁଖରେ ଚାରି ଅଭିଯୁକ୍ତଙ୍କୁ ପେଶ୍ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସହିତ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।





# ବିଶିଷ୍ଟ କୃଷି ବୈଜ୍ଞାନିକ ତଥା ଛତୁ ଚାଷର ଉଦ୍ଭାବକ ଡ଼ଃ ଅଦ୍ୱୈତ୍ୟ ପାତ୍ରଙ୍କ ୮୫ ତମ ଜୟନ୍ତୀ ପାଳିତ



ବାଲିଆପାଳ(ନିପ୍ର): ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଅଡିଟୋରୀୟମ ହଲରେ ଓଡ଼ିଶାର ବିଶିଷ୍ଟ କୃଷି ବୈଜ୍ଞାନିକ ତଥା ଛତୁ ଚାଷର ଉଦ୍ଭାବକ ଡ଼ଃ ଅଦ୍ୱୈତ୍ୟ ପାତ୍ରଙ୍କ ୮୫ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖାର କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଏବଂ ଅଧ୍ୟାପକ ଡ଼ଃ ସୁଶାନ୍ତ କୁମାର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଉତ୍କଳ ସମ୍ମିଳନୀ ରାଜ୍ୟ ଉପ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷାବିତ ନିରଞ୍ଜନ ପଣ୍ଡା,ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ତଥା ଦୀନକୃଷ୍ଣ ସାହିତ୍ୟ ପରିଷଦର ସମ୍ପାଦକ କବି ବିପିନ ବିହାରୀ ବିଶ୍ୱାଳ, ସମ୍ମାନିତ ଅତିଥି ଭାବରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ, ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ଦେ, ରୋଟାରି କ୍ଲବର ସଭାପତି ଇଂ ସୁଶାନ୍ତ ଚକ୍ରବର୍ତୀ, ବାଘାଜତିନି ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ଆଇନଜୀବୀ ଜୋତ୍ସ୍ନା ମହାନ୍ତି, ପ୍ରାକ୍ତନ ଡିଆଇ ସୁବାସ ଚୌଧୁରୀ, ଅବସର ପ୍ରାପ୍ତ ସେନା ଅଧିକାରୀ କମଳ ଲୋଚନ ପିଳା, ଲଙ୍ଗଳେଶ୍ୱର ବରିଷ୍ଠ ନାଗରିକ ପରିଷଦର ସଭାପତି ସୁଶାନ୍ତ ବେହେରା, ସମାଜସେବୀ ଚିତରଞ୍ଜନ ଜେନା, ଆମ୍ବେଦକର ବିଚାର ମଂଚର ସଭାପତି ବୈଲୋଚନ ପାତ୍ର, ଅଧ୍ୟାପକ ବିପିନ ପାତ୍ର, ଉତ୍କଳ ସମ୍ମିଳନୀ ସୋର ଶାଖାର ଉପସଭାପତି ମିନତୀ କର ପ୍ରମୁଖ ଯୋଗଦେଇ ଡ଼ଃ ଅଦ୍ୱୈତ୍ୟ ପାତ୍ରଙ୍କ ବହୁମୁଖୀ ଗୁଣାବଳୀ ଉପରେ ଆଲୋକ ପାତ କରି କହିଥିଲେ କି ଆଜି ଯଦି ପ୍ରତିଟି ଅଂଚଳରେ ଖେଳ ଶିକ୍ଷକ ଦେଖିବାକୁ ପାଉଛୁ କି ଆମ ଅଂଚଳର ଖେଳ ଶିକ୍ଷକ ହେବା ପାଇଁ ପାଠ ପଢ଼ିବାର ସୁଯୋଗ ପାଉଥିବା ପିଲାଙ୍କ ପାଇଁ ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ହେଉଛି ଡ଼ଃ ଅଦ୍ୱୈତ୍ୟ ପାତ୍ରଙ୍କ ମାନସ ପୁତ୍ର । ଏହି ବିଦ୍ୟାଳୟକୁ ୧୯୮୧ ମସିହାରେ ସେ ପ୍ରତିଷ୍ଠା କରିଥିଲେ । ଯାହାକି ଏଠାରେ ରାଜ୍ୟ ଓ ରାଜ୍ୟ ବାହାରର ପିଲା ମାନେ ପାଠ ପଢ଼ିବାର ସୁଯୋଗ ପାଉଛନ୍ତି । ସେହିପରି ଓଡ଼ିଶାରେ ଛତୁ ଚାଷର ଉଦ୍ଭାବନ କରି ବେଶ ପରିଚିତ ହୋଇଥିଲେ ଶ୍ରୀ ପାତ୍ର, ଦୀର୍ଘବର୍ଷ ଧରି ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି, ରାଜ୍ୟ ନିଶାନିବାରଣ ଆନ୍ଦୋଳନରେ ନିଜକୁ ସାମିଲ କରିବା ସହିତ ଅବସର ପରେ ଗୋଟିଏ ଦିନ ଅବସର ନେଇ ନାହାନ୍ତି । ସବୁବେଳେ ସାମାଜିକ କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି । ଆମେ ତାଙ୍କର ୮୫ ତମ ଜୟନ୍ତୀ ପାଳନ କରି ନିଜକୁ ଗର୍ବ ଅନୁଭବ କରୁଛୁ ବୋଲି ବକ୍ତା ମାନେ କହିଥିଲେ । ଏହି ଅବସରରେ ଡ଼ଃ ଅଦ୍ୱୈତ୍ୟ ପାତ୍ର ଯୋଗଦେଇ ତାଙ୍କ ଜୟନ୍ତୀକୁ ଏପରି ଭବ୍ୟ ଆଡ଼ମ୍ବର ସହକାରେ ପାଳନ କରାଯାଇଥିବାରୁ ଆୟୋଜକ ମାନଙ୍କୁ ଅନ୍ତରରୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଡ଼ଃ. ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସଭାପତି ଡ଼ଃ କୁଞ୍ଜକାନ୍ତ ପାତ୍ର ଓ ସମ୍ପାଦକ ସାମ୍ବାଦିକ ତଥା କବି ଡ଼ଃ ସନ୍ୟାସୀ ବେହେରା ଏବଂ କମିଟିର ସଦସ୍ୟଙ୍କ ପକ୍ଷରୁ ଶ୍ରୀ ପାତ୍ରଙ୍କୁ ମାନ ପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ବାଲିଆପାଳ, ଭୋଗରାଇ, ଜଳେଶ୍ୱର, ବସ୍ତା ତଥା ଜିଲ୍ଲା ବାହାର ଅଂଚଳରୁ ବହୁ ବ୍ୟକ୍ତି ଏବଂ ଅନୁଷ୍ଠାନ ର କର୍ମକର୍ତା ମାନେ ଉପସ୍ଥିତ ହୋଇ ଶ୍ରୀ ପାତ୍ରଙ୍କୁ ଜନ୍ମ ଦିନରେ ଶୁଭେଚ୍ଛା ସହିତ ସମ୍ବର୍ଦ୍ଧିତ କରିଥିଲେ ।

# "ଜୁଭେଂଟିକା" ଓ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଯାଜପୁର(ନିପ୍ର): ଯାଜପୁର ଥାନା ପରିସରରେ ଶିଶୁମାନଙ୍କ ସୁରକ୍ଷା, ସଚେତନତା ଓ ନୈତିକ ମୂଲ୍ୟବୋଧ ବିକାଶକୁ ନେଇ "ଜୁଭେଂଟିକା" କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀମାନେ ଶିଶୁମାନଙ୍କୁ ସାଇବର ଅପରାଧ, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ନିଶାଦ୍ରବ୍ୟର କୁପ୍ରଭାବ ଏବଂ ଆଇନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ବିଷୟରେ ସଚେତନ କରାଇଥିଲେ । ଶିଶୁମାନଙ୍କ ସହ ସିଧାସଳଖ ଆଲୋଚନା ମାଧ୍ୟମରେ ସେମାନଙ୍କର ମନୋବଳ ବୃଦ୍ଧି କରିବା ସହ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବାରେ ଜୋର ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବହୁ ଶିଶୁ, ଅଭିଭାବକ ଓ ସମାଜସେବୀ ଯୋଗଦେଇଥିବା ବେଳେ ଯାଜପୁର ଥାନା ପକ୍ଷରୁ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି । ଯାଜପୁର ଥାନାଧିକାରୀ ଶରତ କୁମାର ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝି, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଥିବା ଶିଶୁ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ସଚେତନ କରିଥିଲେ ।

# ଇଣ୍ଡିଆନ ସିଟିଜେନସ୍ ପାର୍ଟି ଲିଗାଲ ସେଲର ଆଲୋଚନାଚକ୍ର

କଟକ(ନିପ୍ର): ସିଡିଏ -୯ ନମ୍ବରସ୍ଥିତ ସନ୍ତୁକା ପ୍ୟାଲେସରରେ ଇଣ୍ଡିଆନ ସିଟିଜେନସ୍ ପାର୍ଟି ଲିଗାଲ ସେଲ୍ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସାରା ଓଡ଼ିଶାର ଆଇନ୍ ?ଜୀବୀ ମାନଙ୍କ ପାଇଁ ଦଶ ସୂତ୍ରୀ କାର୍ଯ୍ୟକ୍ରମ ତିନିମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ଏବଂ କେନ୍ଦ୍ରର ବିଜେପି ସରକାରଙ୍କ ନିକଟରେ ଇଣ୍ଡିଆନ୍ ସିଟିଜେନ୍ସ ପାର୍ଟି (ଆଇସିପି) ଲିଗାଲସେଲ୍ ?ର ଦାବି ଗୁଡିକ ହେଲା-ଆଇନ୍‌ଜୀବୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କର ଧନ, ଜୀବନ ଓ ମର୍ଯ୍ୟାଦାର ଶତ ପ୍ରତିଶତ ସୁରକ୍ଷା ବ୍ୟବସ୍ଥା କରି ଏକ ସ୍ୱତନ୍ତ୍ର ସ୍କିମ୍ କାର୍ଯ୍ୟକାରୀ କରାଯାଉ । ଆର୍ଥିକ ଦୁର୍ବଳ ପରିବାରର ନବାଗତ ଆଇନ୍‌ଜୀବୀ ମାନଙ୍କୁ ୫ ବର୍ଷ ପାଇଁ ମାସିକ ପନ୍ଦର ହଜାର ଟଙ୍କା ଲେଖାଁଏ ଷ୍ଟାଇପେଣ୍ଡ ଦିଆଯାଉ । ଅବସରକାଳୀନ ଅର୍ଥରାଶି : ଅତିକମ୍‌ରେ ୧୦ ବର୍ଷ ଆଇନ୍‌ପେଷା ପୂରଣ କରିଥିବା ଆଇନ୍ ?ଜୀବୀ ମାନଙ୍କୁ ବାର୍ଷିକ ଦୁଇଲକ୍ଷ ପଚାଶ ହଜାର ଟଙ୍କା ହିସାବରେ ଅବସରକାଳୀନ ଅର୍ଥରାଶି ଆବେଦନ କରିବାର ଏକମାସ ମଧ୍ୟରେ ଦିଆଯାଉ । ୧୦ ବର୍ଷ ଓକିଲାତି କରିଥିବା ଆଇନ୍‌ଜୀବୀଙ୍କୁ ପଚିଶ ଲକ୍ଷ ଟଙ୍କା ଅବସରକାଳୀନ ଅର୍ଥରାଶି ଦିଆଯାଉ । ୨୦ ବର୍ଷ ଓକିଲାତି କରିଥିବା ଆଇନ୍ ?ଜୀବୀଙ୍କୁ ପଚାଶ ଲକ୍ଷ ଟଙ୍କା ଅବସରକାଳୀନ ଅର୍ଥରାଶି ଦିଆଯଉ । ୩୦ ବର୍ଷ ଓକି ଲାତି କରିଥି ବା ଆଇନ୍‌ଜୀବୀଙ୍କୁ ପଂଚସ୍ତରୀ ଲକ୍ଷ ଟଙ୍କା ଅବସରକାଳୀନ ଅର୍ଥରାଶି ଦିଆଯାଉ । ୪୦ ଚାଳିଶ ବର୍ଷ ଓକି ଲାତି କରିଥିବା ଆଇନ୍‌ଜୀବୀଙ୍କୁ ଏକକୋଟି ଟଙ୍କା ଅବସରକାଳୀନ ଅର୍ଥରାଶି ଦିଆଯାଉ । ୫୦ ବର୍ଷ ଓକି ଲାତି କରି ଥିବା ଆଇନ୍‌ଜୀବୀଙ୍କୁ ଏକକୋଟି ପଚିଶ୍ ଲକ୍ଷ ଟଙ୍କା ଅବସରକାଳୀନ ଅର୍ଥରାଶି ଦିଆଯାଉ । ୬୦ ବର୍ଷ ଓକି ଲାତି କରିଥିବା ଆଇନ୍ ଜୀବୀଙ୍କୁ ଏକ କୋଟି ପଚାଶ ଲକ୍ଷ ଟଙ୍କା ଅବସର କାଳୀନ ଅର୍ଥରାଶି ଦିଆଯାଉ । ପ୍ରତ୍ୟେକ ନୋଟାରୀଙ୍କୁ ଉନ୍ନତ ପରିମଳ ସମ୍ପର୍ଣ୍ଣ ଗୋଟିଏ ରୁମ୍ କୋର୍ଟ ପରିସରରେ ଦିଆଯାଉ । ଆଇନ୍‌ଜୀବୀ ମାନଙ୍କ ପାଇଁ ମାସିକ ସର୍ବନିମ୍ନ ତିରିଶ ହଜାର ଟଙ୍କାର ରୋଜଗାର ସ୍କିମ୍ ଏବଂ ପେନ୍‌ସନ୍ ସ୍କ୍ରିମ୍‌କାର୍ଯ୍ୟକାରୀ କରାଯାଉ । ଆଇନ୍ ?ଜୀବୀ ଏବଂ ସେମାନଙ୍କର ପରିବାରବର୍ଗଙ୍କ ପାଇଁ ଜୀବନବୀମା,ସ୍ୱାସ୍ଥ୍ୟବୀମା ଏବଂ ଦୁର୍ଘଟଣା ବୀମା ମୁଣ୍ଡପିଛା ୧୦ ଲକ୍ଷ ଟଙ୍କା ହିସାବରେ କାର୍ଯ୍ୟକାରୀ କରାଯାଉ । କୋର୍ଟର ୨୦ କିଲୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ପରିସରରେ ସ୍ଥାୟୀ ଗୃହ ନ ଥିବା ଆଇନ୍‌ଜୀବୀ ମାନଙ୍କୁ ଟୁ ବି ଏଚ କେ ଆପାର୍ଟମେଂଟ ସରକାର ଘରଭଡ଼ା ଯୋଗାଇ ଦିଅନ୍ତୁ । କୋର୍ଟର ୨୦ କିଲୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଅଂଚଳରେ ସ୍ଥାୟୀ ଗୃହ ନଥିବା ଆଇନ୍‌ଜୀବୀ ମାନଙ୍କ ପାଇଁ ସରକାର ପ୍ଲଟିଂ ସ୍କିମ୍ କାର୍ଯ୍ୟକାରୀ କରନ୍ତୁ ଏବଂ ୧୦୦୦, ୨୦୦୦, ୩୦୦୦ ବର୍ଗଫୁଟ ବିଶିଷ୍ଟ ପ୍ଲଟ୍ ଏବଂ ସରଳସୁଧରେ ଦୀର୍ଘମିଆଦି ବ୍ୟାଙ୍କ ଋଣ ଯୋଗାଇ ଦିଅନ୍ତୁ । ସରକାରୀ ଓକିଲ ନିଯୁକ୍ତି, ଜଜ୍ ନିଯୁକ୍ତି, କୋର୍ଟକଚେରୀର ବିଭିନ୍ନ ପଦ, ପଦବୀରେ ନିଯୁକ୍ତି, ବା ?କାଉନ୍ ?ସିଲ୍,ବା ?ଆସୋସିଏସନ୍ ଗୁଡିକର ପରିଚାଳନା ପରିଷଦରେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ, ସଂଖ୍ୟାଲଘୁ, ମହିଳା ଏବଂ ଭିନ୍ନକ୍ଷମ ମାନଙ୍କୁ ସେମାନଙ୍କର ଜନସଂଖ୍ୟା ହିସାବରେ ଆନୁପାତିକ ସଂରକ୍ଷଣ ଦିଆଯାଉ । ମହିଳା ଆଇନ୍‌ଜୀବୀ ଏବଂ ମହିଳା ମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦିଆଯାଉ ।

# ୩୨ଦିନରେ ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶା ଷ୍ଟିଅରିଂ କମିଟିର ଗଣଧାରଣା



ଭୁବନେଶ୍ୱର: ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶାର ଆବାହକ ରାମଲାଲ ପଟେଲଙ୍କ ନେତୃତ୍ୱରେ, ଷ୍ଟିଅରିଂ କମିଟି ସଦସ୍ୟମାନଙ୍କ ସହିତ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକ୍ କର୍ମକର୍ତା ମାନଙ୍କର ଗଣଧାରଣା ସ୍ଥାନୀୟ ଲୋୟର ପିଏମଜି ଭୁବନେଶ୍ୱର ଠାରେ ଅବ୍ୟାହତ ରହିଛି । ଆମର ଦାବି: (୧) ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ମୂଳ ପଦବୀକୁ ଉନ୍ନତ କରି ରାଜ୍ୟ ସରକାରଙ୍କ ୭ମ ବେତନ କମିଶନର ପେ ଲେଭଲ-୦୯ ଅନୁସାରେ ପ୍ରବେଶସ୍ତର ବେତନ ଟ.୩୫,୪୦୦ଙ୍କା ପ୍ରଦାନ କରାଯାଉ । (୨) ପ୍ରାଥମିକ ଶିକ୍ଷା ବିଭାଗରେ ଚୁକ୍ତିଭିତିକ ନିଯୁକ୍ତି ପ୍ରଥାକୁ ରଦ୍ଦ କରାଯାଇ ୨୦୦୧ ମସିହାରୁ ଏ ପର୍ଯ୍ୟନ୍ତ ଏସ୍‌ଏସ୍‌ଏସ୍/ ଏସ୍‌ଏସ୍/ ଜେଟି ଭାବେ କାର୍ଯ୍ୟରତ ସମସ୍ତ ସମୟକୁ ନିୟମିତ ସେବା ଭାବେ ଗଣନା କରି ନେଶନାଲ ଇନ୍‌କ୍ରିମେଂଟ ପ୍ରଦାନ କରାଯାଉ । ଅତଏବ ଉକ୍ତ ଦୁଇଟି ଦାବି ପୂରଣ ପାଇଁ ସରକାର ଘୋଷଣା କରିବା ପର୍ଯ୍ୟନ୍ତ ଏହି ଗଣଧାରଣା ଅବ୍ୟାହତ ରହିବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬ ଅନୁଷ୍ଠିତ




ବାରିପଦା(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଲୋକ ଅଦାଲତରେ ମୋଟ ୮୭୯୦ ଟି ମାମଲା ମଧ୍ୟରୁ ୨୪୯୭ ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୧,୭୧,୩୬,୩୭୯ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୫୨୨୦ ଗୋଟି ମାମଲା ମଧ୍ୟରୁ ୩୫୩ ଟି ମାମଲା ଅପୋଷ ବିଚାର ହୋଇ ୧,୦୩,୬୮,୪୮୩ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣା ପଡ଼ିଛି । ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୩,୫୭୦ ଗୋଟି ମାମଲା ମଧ୍ୟରୁ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ୮୪ ଟି ମଧ୍ୟରୁ ୩ଟି, ଏନ.ଆଇ.ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୪୦ ଟି ମାମଲା ମଧ୍ୟରୁ ୨୬ ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୧୫୦ ଟିରୁ ୯ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୮୮ ଟି ରୁ ୧ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୦୨ ଟି ମାମଲା ମଧ୍ୟରୁ ୫୩ ଟି, ରାଜସ୍ୱ ମାମଲା ୨୪୮୮ ଟି ମଧ୍ୟରୁ ୧୯୬୭ ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୫୨ ଟି ମଧ୍ୟରୁ ୪୩ ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୯୩ ଟି ମଧ୍ୟରୁ ୪୧ ଟି ମିଶାଇ ମୋଟ ୨୪୯୭ ଟି ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୭୧ ଲକ୍ଷ ୩୬ ହଜାର ୩୭୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁମନ କୁମାର ମିଶ୍ର, ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ଚିଫ ଜୁଡିଶିୟାଲ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ରେଜିଷ୍ଟ୍ରାର ଶୃତିସ୍ମିଗ୍ଧା ଦାସ, ସିନିୟର ସିଭିଲ୍ ଜଜ ସତରୂପା ଶତପଥୀ , ଅତିରିକ୍ତ ସିନିୟର ସିଭିଲ୍ ଜଜ ସୂର୍ଯ୍ୟ ଦାସ , ଦିତୀୟ ଅତିରିକ୍ତ ସିନିୟର ସିଭିଲ୍ ଜଜ ଡ଼ ନିଶାକର ସାହୁ, ଏସ.ଡି.ଜେ.ଏମ. ଜୁଓ୍ୱେଲ ପଟ୍ଟନାୟକ, ଜେ.ଏମ.ଏଫ.ସି-୧ (Cog. Taking) ଲକ୍ଷ୍ମୀ ପ୍ରିୟା ସ୍ୱାଇଁ, ଜେ.ଏମ.ଏଫ.ସି କୁମାରୀ ମଧୁଶ୍ରବା ମହାନ୍ତି, ଜେ.ଏମ.ଏଫ.ସି ନିଳିଶା ପଟ୍ଟନାୟକ, ଜେ.ଏମ.ଏଫ.ସି (ଏଲ୍.ଆର ଓ ଏଲ୍.ଟି.ଭି) ଶୁଭ୍ରାଂଶୁ ଠାକୁର ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଂଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ଉମାକାନ୍ତ ରାଉତ, ଆଇନଜୀବୀ ତାପସ କୁମାର ଦତ, ସତ୍ୟ ନାରାୟଣ ବେହେରା, କମଲ କୁମାର କୁଆଁରବାବୁ, ଧିରେନ୍ଦ୍ର କୁମାର ମହାପାତ୍ର ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ/ ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ଧାମନଗର(ନିପ୍ର): ଧାମନଗର ବ୍ଲକ ଅଧୀନସ୍ଥ ଗୋବିନ୍ଦପୁର ପଂଚାୟତର କୋରୁଆ ପାଟଣା ସାହିରେ ନୂତନ ଭାବେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଭବ୍ୟ ଓ ଭକ୍ତିମୟ ପରିବେଶ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଛି । ଦୀର୍ଘ ୪ ବର୍ଷର ଅକ୍ଲାନ୍ତ ପ୍ରୟାସ ଓ ଗ୍ରାମବାସୀଙ୍କ ସମୁହିକ ସହଯୋଗରେ ନିର୍ମିତ ଏହି ପବିତ୍ର ମନ୍ଦିରରେ ମହାପ୍ରଭୁଙ୍କ ପ୍ରବେଶକୁ ନେଇ ସମଗ୍ର ଅଂଚଳରେ ଆଧାତ୍ମିକ ଉତ୍ସାହ ଦେଖାଯାଇ ଥିଲା । ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନରେ ୧୦୮ କଳଶ ସହ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ମହିଳାମାନେ ଭକ୍ତିଭାବରେ କଳଶ ବହନ କରିଥିବା ବେଳେ ହରିନାମ ସଙ୍କୀର୍ତନ, ଭଜନ ଓ ଘଂଟ ଘଂଟାର ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା । ପୂଜାର୍ଚ୍ଚନା, ଯଜ୍ଞ, ହୋମ, ଆଜ୍ଞାମାଳା ନୀତି ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଭକ୍ତିଭାବର ସହ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ପ୍ରବଚନ ସମାରୋହ ମଧ୍ୟ ଆୟୋଜିତ ହୋଇଥିଲା । ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବା ପରେ ବିଧିବତ ପୂଜାର୍ଚ୍ଚନା ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନୂତନ ମନ୍ଦିର ଭିତରକୁ ପ୍ରବେଶ କରାଯାଇ ଥିଲା । ଏହି ପବିତ୍ର ଓ ଐତିହାସିକ ମୁହୂର୍ତକୁ ଦେଖିବା ପାଇଁ ଆଖପାଖ ଅଂଚଳରୁ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ଆୟୋଜିତ ପୂର୍ଣ୍ଣାହୁତି ଉତ୍ସବରେ ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ । ଗ୍ରାମବାସୀଙ୍କ ଏକତା, ଭକ୍ତିଭାବ ଓ ସାମୁହିକ ଉଦ୍ୟମକୁ ପ୍ରଶଂସା କରିବା ସହ ଏହି ମନ୍ଦିର ଅଂଚଳର ଧାର୍ମିକ ଓ ସାମାଜିକ ଏକତାର ପ୍ରତୀକ ହେବ ବୋଲି ମନ୍ତ୍ରୀ କହିଥିଲେ । ଗ୍ରାମବାସୀଙ୍କ ନିଷ୍ଠା, ସହଯୋଗ ଓ ଭକ୍ତିଭାବରେ ଆୟୋଜିତ ଏହି ପ୍ରତିଷ୍ଠା ମହୋତ୍ସବ କୋରୁଆ ଅଂଚଳରେ ଏକ ସ୍ମରଣୀୟ ଅଧ୍ୟାୟ ସୃଷ୍ଟି କରିଛି ।

# ଜନ ଆକ୍ରୋଶ ମହିଳା ପଦଯାତ୍ରା: ବିରୋଧୀ ଇଣ୍ଡି ମେଂଟ ନେତାଙ୍କ କୁଶ ପିତୁଳିକା ଦାହ




ନୀଳଗିରି(ନିପ୍ର): ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନେତୃତ୍ୱ ତଥା ନୀଳଗିରି ନଗର ମଣ୍ଡଳ ତରଫରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ନୀଳଗିରି ବଜରରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅପରାହ୍ନ ୪.୩୦ ମିନିଟ ସମୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାରୀ ଶକ୍ତି ବନ୍ଦନ ଅଧିନିୟନ କୁ ବିରୋଧ କରୁଥିବା ଇଣ୍ଡି ମେଂଟର ମହିଳା ବିରୋଧୀ ମାନସିକତା ବିରୋଧରେ ନୀଳଗିରିର ଶତାଧିକ ମହିଳା ରାଜ ରାସ୍ତାକୁ ଓହ୍ଲାଇଥିଲେ । ପ୍ରତିବାଦ ସ୍ୱରୂପ ନୀଳଗିରି ମେଡିକାଲ ଛକ ଠାରୁ ମହିଳା ମାନେ ନାରା ବାଜି କରି ଏକ ପଦ ଯାତ୍ରାରେ ବାହାରି ନୀଳଗିରି ଦୁର୍ଗମଣ୍ଡପ ଠାରେ ପହଂଚିଥିଲେ । ସେଠାରେ ମହିଳା ମାନଙ୍କୁ ସାମ୍ବିଧାନିକ ଅଧିକାରରେ ବାଧକ ସୃଷ୍ଟି କରୁଥିବା ଇଣ୍ଡି ମେଂଟର ପ୍ରମୁଖ ନେତା ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକ, ଅଖିଳେଶ ଯାଦବ, ମମତା ବାନାର୍ଜି, ମଲିକାର୍ଜୁନ ଖଡ଼ଗେ ପ୍ରମୁଖ ବିରୋଧୀ ମେଂଟର ଅନ୍ୟାନ୍ୟ ନେତାଙ୍କ କୁଶ ପିତୁଳିକା ଦାହ କରିଥିଲେ । ପରେପରେ ନୀଳଗିରି ଡାକ ବଙ୍ଗଳା ଠାରେ ପହଂଚିଥିଲେ । ପରବର୍ତୀ ସମୟରେ ଡାକ ବଙ୍ଗଳା ପରିସରରେ ୫ ଘଟିକା ସମୟରେ ଏକ ମହିଳା ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବାଲେଶ୍ୱର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି, ମହିଳା ମୋର୍ଚ୍ଚା ସଭାପତି ସହ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ଶତାଧିକ ସଂଖ୍ୟାରେ ମହିଳାମାନଙ୍କର ସମାଗମ ହୋଇଥିଲା ।

No.10001/139/2627

ZILLA SWASTHYA SAMITI, MAYURBHANJ
Office of the CDM&PHO-cum- District Mission Director, NHM, Mayurbhanj, Odisha, 757001

Advt. No. 2451 / NHM /2026-27 Dt: 06.05.2026

REQUEST FOR PROPOSAL (RFP) DOCUMENT FOR HIRING OF FOUR NO'S OF VEHICLES UNDER DISTRICT PROGRAMME MANAGEMENT UNIT (DPMU) NATIONAL HEALTH MISSION, MAYURBHANJ

Tenders are invited from the interested eligible bidders for "REQUEST FOR PROPOSAL (RFP) DOCUMENT FOR HIRING OF FOUR NO'S OF VEHICLES UNDER DISTRICT PROGRAMME MANAGEMENT UNIT (DPMU) NATIONAL HEALTH MISSION, MAYURBHANJ". The eligible criteria, the terms of reference and the formats for submission of bid as set forth in the tender document can be downloaded from the website https://mayurbhanj.odisha.gov.in . Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before **11.00 AM of dt:29.05.2026** through Regd/Speed post/ Courier and the same will be opened on **dt:29.05.2026 at 11.30 AM**. The undersigned reserves the right to reject any or all the tender(s) without assigning any reason thereof.

Sd/-
Chief District Medical& Public Health Officer
Mayurbhanj

OIPR.10001/10020/1/26-27/0002





# ଝାରସୁଗୁଡ଼ାରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଝାରସୁଗୁଡ଼ା(ନି.ପ୍ର.) ଶନିବାର ଦିନ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ଓ ଲଖନପୁର କୋର୍ଟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ବିଭିନ୍ନ ଅଦାଲତରେ ବିଚାରାଧିନ ଥିବା ମାମଲା ଗୁଡ଼ିକ ମଧ୍ୟରେ ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧିନ ଥିବା ୦୨ ଟି ମୋକଦ୍ଦମା ୧,୫୦,୦୦୦ ଟଙ୍କାରେ, ୦୪ ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୦୫ ଟି ଚେକ ବାଉନ୍ସ ମାମଲା ୧୨,୪୭,୭୩୦ ଟଙ୍କାରେ, ୦୧ ଟି ବ୍ୟାଙ୍କ ପୁନରୁଦ୍ଧାର ମାମଲା ୧୬,୩୪,୪୪୫.୮୪ ଟଙ୍କାରେ, ୦୩ ଟି ବୈବାହିକ/ ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମାମଲା, ୦୯ ଟି ଅନ୍ୟାନ୍ୟ ଦେୱାନି ମାମଲା,



୨୬୧ ଟି ଅନ୍ୟାନ୍ୟ ମାମଲା ଓ ୩୧୯୩ ଟି ରାଜସ୍ୱ ମୋକଦ୍ଦମା ୪,୧୪,୯୨୪ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଅଛି । ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୬୫ ଟି ଋଣ ସଂବନ୍ଧିୟ ମାମଲା ୧୮,୪୪,୩୨୨ ଟଙ୍କାରେ, ୦୧ ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମାମଲା, ଆଂଚଳିକ ପରିବହନ ବିଭାଗର ଟ୍ରାଫିକ ଚାଲାଣ ସଂବନ୍ଧିୟ ୧୪ ଟି ମାମଲା ୫୨,୦୦୦ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ୧୨ ଟି ମାମଲା ୬,୯୨,୮୩୫ ଟଙ୍କାରେ ଓ ବିଦ୍ୟୁତ ବିଲ ସମ୍ବନ୍ଧୀୟ ୦୩ ଟି ମାମଲା ୭୭,୧୩୧ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ସଦାଶିବ ଜେନା ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିବା ବେଳେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ନାୟକ ଜନ ଉପଯୋଗୀ ସେବା ଜନିତ ପ୍ରାକ୍ ମୋକଦ୍ଦମା ମାମଲା ସମାଧାନ କରାଇଥିଲେ । ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ଶ୍ରୀମତୀ ପ୍ରତ୍ୟୁଶା କିରନ ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମୋକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଇଥିଲେ । ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ନାୟକ, ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, ବରିଷ୍ଠ ଦେୱାନି ବିଚାରପତି (ଏଲ.ଆର) ଶ୍ରୀମତୀ ଦେବଶ୍ରୀ ସାହୁ ଓ କନିଷ୍ଠ ଦେୱାନି ବିଚାରପତି ସୁଶ୍ରୀ ମୋନାଲିସା ପ୍ରଧାନ ଅନ୍ୟାନ୍ୟ ଦେୱାନି ଓ ଟଙ୍କା ପୁନରୁଦ୍ଧାର ମକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଇଥିଲେ । ସେହିପରି ଏସ.ଡି. ଜେ.ଏମ୍ ଡ. ବିଶ୍ୱଭୂଷଣ ନାୟକ, କନିଷ୍ଠ ଦେୱାନି ବିଚାରପତି ତଥା ଜେ.ଏମ.ଏଫ.ସି ଲଖନପୁର ଶ୍ରୀମତୀ ଜୟା ରାଏ, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ସୁଶ୍ରୀ ଅପର୍ଣ୍ଣା ସାହୁ, ଜେ. ଏମ୍.ଏଫ୍.ସି (କମ୍ପ୍ଲେନ୍ସ) ସୁଶ୍ରୀ ସୁପ୍ରାସି ସୋନାଲି ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ନର୍ମଦା ପ୍ରଧାନ ଅନ୍ୟାନ୍ୟ ଫୌଜଦାରୀ, ଚେକ ବାଉନ୍ସ ଇତ୍ୟାଦି ମାମଲା ଗୁଡିକର ଆପୋଷ ସମାଧାନ କରାଇଥିଲେ । ଏହି ଲୋକ ଅଦାଲତକୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ସ୍ମୃତି ରଞ୍ଜନ ମହାପାତ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଆଲୋକ ମୟୀ ପ୍ରଧାନ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ଶ୍ରୀମତୀ ସ୍ୱର୍ଣ୍ଣଲତା ନାୟକ ପରିଚାଳନା କରିଥିବା ବେଳେ ସିଭିଲ ଜଜ ପ୍ରୋବେଶନ ସୁଶ୍ରୀ ସ୍ୱାତୀ ସାମଲ ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଦାଲତରେ ରାଜସ୍ୱ ମାମଲା ଗୁଡିକ ସମାଧାନ ହୋଇଥିଲା । ଏହି ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୧୦ ଟି ବିଭିନ୍ନ ଲୋକ ଅଦାଲତ ବେଂଚର ଗଠନ କରାଯାଇଥିଲା ଏବଂ ଏହି ବେଂଚ ଗୁଡିକର ସଦସ୍ୟ ଭାବରେ ଡାକେଶ୍ୱର ପାଣ୍ଡେ, ଦେବାର୍ଚ୍ଚନ ଠାକୁର, ଭବାନୀ ଶଙ୍କର ଦଣ୍ଡସେନା, ଡମାଳି ପଟେଲ, ରୁପାଲୀ ଚାଟାର୍ଜି, ମନୋଜ ସୁନା, ଅଶୋକ କୁମାର ପାଙ୍ଗଜୋଶୀ, ସତପାଲ ସିଂହ, ଅନାମିକା ନନ୍ଦ, ଅନିତା ସୋନି, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ସଦସ୍ୟ ଆନନ୍ଦିନୀ ପାଢୀ ଓ ସୁରେଶ ଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାମନଗର ଡାକ୍ତରଖାନାକୁ ଭଗବାନ ଭରଷା

## ସମୟରେ ଆସୁନାହାନ୍ତି ଡାକ୍ତର, ଘଂଟା ଘଂଟା ଅପେକ୍ଷାରେ ରୋଗୀ

ଧାମନଗର,(ନି.ପ୍ର.): ଧାମନଗର ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଅବ୍ୟବସ୍ଥା ଏବେ ଚରମ ସୀମାକୁ ପହଂଚିଛି । ଡାକ୍ତରମାନେ ସମୟରେ ମେଡିକାଲ କୁ ଆସୁନଥିବାରୁ ରୋଗୀମାନେ ଘଂଟାଘଂଟା ଧରି ଲାଇନି ଅପେକ୍ଷା କରି ହଇରାଣ ହେଉଛନ୍ତି ।ମେଡିକାଲ ସୁଚନା ବୋର୍ଡରେ ସକାଳ ୮ ଟା ରୁ ଦିନ ୧୨ ଟା ଓ ସନ୍ଧ୍ୟା ୪ ଟା ରୁ ୬ ଟା ପର୍ଯ୍ୟନ୍ତ ଆଉଟଡୋର ସମୟ ଉଲ୍ଲେଖ ଥିଲେ ମଧ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଛି । ଶୁକ୍ରବାର ସକାଳ ପ୍ରାୟ ୯ ଟା ୩୦ ପର୍ଯ୍ୟନ୍ତ ରୋଗୀମାନେ ଅପେକ୍ଷା କରିଥିଲେ ମଧ ମେଡିକାଲରେ ଜଣେ ଡାକ୍ତରଙ୍କୁ ଛାଡ଼ି ଅନ୍ୟ କୌଣସି ଡାକ୍ତରଙ୍କ ଦେଖା ମିଳିନଥିଲା । ଫଳରେ ପ୍ରାୟ ୧୦୦ରୁ ଅଧିକ ରୋଗୀ ଲମ୍ବା ଲାଇନରେ ଛିଡ଼ା ହୋଇ ରହିଥିବା ବେଳେ କିଛି ରୋଗୀ ତଳେ ବସି



ଡ଼ାକ୍ତରଙ୍କୁ ଅପେକ୍ଷା କରୁଥିଲେ । ବୃଦ୍ଧ, ମହିଳା ଓ ଶିଶୁ ମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି ।ସକାଳ ୧୦ଟା ସୁଦ୍ଧା ଆଉଟଡୋର ରେଜିଷ୍ଟରରେ ୪୧୫ ନମ୍ବର ସିରିଏଲ ଚାଲିଥିବା ବେଳେ ପ୍ରତିଦିନ ପ୍ରାୟ ୫୦୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଧାମନଗର ମେଡିକାଲକୁ ଆସୁଥିବା ସୂଚନା ମିଳିଛି । ଏତେ ଅଧିକ ରୋଗୀ ସଂଖ୍ୟା ସତ୍ୱେ ଡାକ୍ତର ଉପସ୍ଥିତ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବ୍ଲକ ର ହଜାର ହଜାର ରୋଗି ନିର୍ଭର କରୁଥିବା ଏହିପରି ସ୍ଥିତିରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଡିୟୁଟି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ଡାକ୍ତରଙ୍କୁ ଦିନକୁ ୮ ଘଂଟା ଡିୟୁଟି କରିବା ସହ ମେଡିକାଲରେ ସବୁବେଳେ ଜଣେ ଇମାର୍ଜେନ୍ସି ଡାକ୍ତର ଉପସ୍ଥିତ ରହିବା ଆବଶ୍ୟକ । କିନ୍ତୁ ଏଠାରେ ଜଣେ ଡାକ୍ତର ୨୪ ଘଂଟା ପାଇଁ ଡିୟୁଟି କରୁଥିବା ଦେଖିବାକୁ ମିଳୁଛି । ଏଭଳି ବ୍ୟବସ୍ଥା ହେବାରୁ ସେମାନଙ୍କୁ ସପ୍ତାହକୁ କେବଳ ୨ ଦିନ ମେଡିକାଲ ଆସିବାକୁ ପଡୁଛି । ୮ ଘଂଟିଆ ଡିୟୁଟି ବ୍ୟବସ୍ଥା ରହିଲେ ପ୍ରତ୍ୟେକ ବିଭାଗର ଡାକ୍ତରଙ୍କୁ ଦେଖାଇବା ପାଇଁ ରୋଗୀମାନେ ସୁଯୋଗ ପାଇପାରିବେ । ହେଲେ ଡିୟୁଟି ରେଜିଷ୍ଟରରେ ୮ ଘଂଟିଆ ଡିୟୁଟି ଦର୍ଶାଯାଉଥିବା ବେଳେ ବାକି ସମୟରେ ଡାକ୍ତରମାନେ ବାହାର ଘରୋଇ କ୍ଲିନିକରେ ରୋଗୀ ଦେଖୁଥିବା ଅଭିଯୋଗ ହେଉଛି । ଫଳରେ ସରକାରୀ ମେଡିକାଲକୁ ଆସୁଥିବା ରୋଗୀମାନେ ସମୟରେ ଡାକ୍ତରଙ୍କୁ ପାଉନଥିବା ବେଳେ ସଧାରଣ ଥଣ୍ଡା, ଜ୍ୱର, କାଶ ପାଇଁ ଘଂଟା ଘଂଟା ଧରି ଅପେକ୍ଷା କରି ହଇରାଣ ହେଉଛନ୍ତି । ତେବେ ଏପରି ବେବସ୍ଥା ରୋକିବା ପାଇଁ ମେଡ଼ିକାଲ ବୋର୍ଡ ବା ରୋଗୀ କଲ୍ୟାଣ ସମିତି ରହିଛି ଯେଉଁ ଥିରେ ସ୍ଥାନିୟ ବିଧାୟକ ଂଚାୟତ ସମିତି ଅଧକ୍ଷ ଓ ଅନ୍ୟାନ୍ୟ ବ୍ୟକ୍ତି ସଦସ୍ୟ ଅଛନ୍ତି ତେବେ ଏପରି ଗୁରୁତ୍ୱ ପୂର୍ଣ୍ଣ ବ୍ୟକ୍ତି ଥିବାବେଳେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବଢୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଘଟଣାର ତଦନ୍ତ କରି ଡିୟୁଟି ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିୟମିତ କରିବାକୁ ଦାବି ହୋଇଛି ।

# ବେତନଟୀ ତହସିଲଦାରଙ୍କ ଦ୍ୱାରା ସିନିଅର ସିଟିଜେନ୍ସ ଓ ସାଧାରଣ ଜନତାଙ୍କୁ ଅଣଦେଖା: ଅଭିଯୋଗ

ବେତନଟୀ :(ନି ପ୍ର )ସରକାରୀ କାର୍ଯ୍ୟାଳୟରେ ଜନସାଧାରଣଙ୍କ କଥା କିମ୍ବା ଅଭିଯୋଗ ଶୁଣିବା ପାଇଁ ନିୟୋଜିତ ଅଧିକାରୀଙ୍କ ଦ୍ୱାରା ଜନସାଧାରଣ ଓ ସାମ୍ବାଦିକଙ୍କୁ ଅଣଦେଖା କରିବା ଏବଂ କାର୍ଯ୍ୟାଳୟରୁ ପଳାଇ ଯିବା ଘଟଣା ବେତନଟୀ ତହସିଲ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, କୌଣସି କାମ ପାଇଁ ଶିଂଲାମୁଣ୍ଡୁଳି ଗ୍ରାମର କିଛି ଲୋକ, ବାଘମରା ଅଂଚଳର ବରିଷ୍ଠ ନାଗରିକ (ସିନିଅର ସିଟିଜେନ୍ସ) ଶ୍ରୀଯୁକ୍ତ ଶିଶିର ଦାସ ପ୍ରମୁଖ ବେତନଟୀ ତହସିଲଦାରଙ୍କୁ ଭେଟିବାକୁ ଆସିଥିଲେ । ତହସିଲଦାର ନିଜ ଚେମ୍ବରରେ ବସିଥିବା ବେଳେ ଶ୍ରୀ ଦାସ ଓ ଅନ୍ୟମାନେ ଚେମ୍ବରକୁ ପଶିବା ପାଇଁ ଅନୁମତି ମାଗିବା ମାତ୍ରେ ତହସିଲଦାର ହଠାତ୍ ନିଜ ଆସନରୁ ଉଠି ଯାଇ କିରାଣୀ ଓ କମ୍ପ୍ୟୁଟର ରୁମ୍ ?କୁ ଚାଲିଯାଇଥିଲେ । ଓ ସେଠାରେ ନିଜ ଅଫିସ କର୍ମଚାରୀଙ୍କ ସହ ବସି ଟାହି ଟାପର କଲା ଭଳି କଥାବାର୍ତା ହେଉଥିଲେ ଫଟୋ ଉଠାଉଥିଲେ ଓ ବିଭିନ୍ନ ପ୍ରକାର ଥଟା ମଜାରେ ବ୍ୟସ୍ତ ରହିଥିଲେ । ଯାହାକୁ ଦେଖିଲେ ଏକ କଲେଜ ପିଲାଙ୍କ ଖଟି କିମ୍ବା ବଜାରରେ ଚାଲୁ ଥିବା ସକାଳ ଚାହା ଖଟିର ଭ୍ରମ ସୃଷ୍ଟି କରୁଥିଲା । ତାଙ୍କୁ ଦେଖା କରିବାକୁ ଆସିଥିବା ଶ୍ରୀ ଦାସ ଓ ଅନ୍ୟ ଲୋକମାନେ ତହସିଲଦାରଙ୍କ ଚେମ୍ବରରେ ଅପେକ୍ଷା କରି ବସିରହିଥିଲେ । ଏହି ସମୟ ରେ ଜଣେ ସାମ୍ବାଦିକ ଭାଇ ତାଙ୍କର କିଛି କାମ ପାଇଁ ତହସିଲ କାର୍ଯ୍ୟାଳୟ ଯାଇଥିଲେ । (ସିନିଅର ସିଟିଜେନ୍ସ) ଶ୍ରୀ ଦାସ ସେଠାରେ କାହାକୁ ଜଗି ବସି ଥିବାର ଦେଖିଲେ କଣ ହୋଇଛି ଏତେ ଲୋକ ଏଠି କଣ ପଚାରିବାରୁ ଶ୍ରୀ ଦାସ କହିଲେ ବାପା ମାନଙ୍କ ନାମରେ ଥିବା ଜମିରେ ଯଦି କିଛି ଗଣ୍ଡଗୋଳ ନଥାଏ ତେବେ ତାହା ଅପୋସ ଆଲୋଚନା ମାଧ୍ୟମ ରେ ପୁଅ ଝିଅ ମାନଙ୍କ ନାମକୁ ତହସିଲଦାର କରି ଦେଇ ପାରିବେ ବୋଲି ସରକାର କହିଛନ୍ତି ତେଣୁ ସେଇ କଥା ବୁଝି ବାକୁ



ଆସିଛୁ ବୋଲି କହିଥିଲେ । ସାମ୍ବାଦିକ ଯାଇ ତହସିଲଦାରଙ୍କୁ ଏହା ଜଣାଇଥିଲେ ମଧ ତହସିଲଦାର ନିଜ ଚେମ୍ବରକୁ ଫେରି ଆସି ନଥିଲେ । ଦୀର୍ଘ ସମୟ ଅପେକ୍ଷା କରିବା ପରେ ଶ୍ରୀ ଦାସ ଓ ଅନ୍ୟ ଲୋମାନେ ସେଠାରୁ ଫେରିଯାଇଥିଲେ । ଏହି ଘଟଣା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତହସିଲଦାରଙ୍କ ବ୍ୟବହାରକୁ ନେଇ ଅସନ୍ତୋଷ ସୃଷ୍ଟି କରିଛି । ସରକାର ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ବିଭିନ୍ନ ବ୍ୟବସ୍ଥା କରୁଥିବା ତଥା ନିଜେ ଓଡ଼ିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଧାରଣ ଲୋକଙ୍କ ଅସୁବିଧା କୁ ସମାଧାନ କରିବା ପାଇଁ ଜନଶୁଣାଣି କରି ଜନସାଧାରଣଙ୍କ ଅଭିଯୋଗ ଶୁଣୁଥିବା ସମୟରେ ଏପରି ଘଟଣା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବଚି ସୃଷ୍ଟି କରିଛ । ତା ସହିତ ତହସିଲଦାର ଚନ୍ଦ୍ରଜିତ୍ ବେହେରା ବେତନଟୀ ତହସିଲରେ ଯୋଗ ଦେବା ଦିନ ଠାରୁ ତହସିଲ କାର୍ଯ୍ୟାଳୟକୁ ଦୂର ଦୂରାନ୍ତରୁ ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଆସୁଥିବା ସାଧାରଣ ଜନତାଙ୍କୁ ସମୟ ନଦେବା,ସାଧାରଣ ଜନତାଙ୍କ ଅଭିଯୋଗ ନଶୁଣିବା, ସାଧାରଣ ଜନତାଙ୍କୁ ସହଜ ରେ ସାକ୍ଷାତ୍ ନକରିବା ଭଳି ଅନେକ ଅଭିଯୋଗ ରହିଛି । ତହସିଲଦାର ସାଧାରଣ ଜନତାଙ୍କୁ ଅଣଦେଖା କରୁଥିବାରୁ ବେତନଟୀ ତହସିଲ ଅଂଚଳ ରେ ହସିଲଦାରଙ୍କ ବିରୋଧରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି । ତହସିଲଦାରଙ୍କୁ ଏ ବାବଦରେ ପଚାରିବାରୁ ସେ କୁହନ୍ତି ମୁଁ ସେନ୍ସସ କାମରେ ବ୍ୟସ୍ତ ଥିଲି ତେଣୁ ଏଠି ସେଠି ବସୁଥିଲି । ସେ ମତେ ତାଙ୍କର ପରିଚୟ ଦେଲେନି ମୁଁ କଥା ହୋଇ ଥାନ୍ତି ହଉ କାଲି ପଠେଇ ଦିଅନ୍ତୁ କାମ କଣ ଅଛି କରିଦେବି । ଏଣୁ ଘଟଣାର ତଦନ୍ତ ଓ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି (ସିନିଅର ସିଟିଜେନ୍ସ) ଶ୍ରୀଯୁକ୍ତ ଶିଶିର ଦାସ ଓ ସ୍ଥାନୀୟ ଲୋକେ ।

# ବ୍ରଜକେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

## ଜିତୁ ଦାଶଙ୍କ ହରିକଥା ଓ ରବିନ୍ଦ୍ର ମାନସୀଙ୍କ ଭଜନ ଶୁଣିଲେ ଭକ୍ତ

ଖଇରା,: ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ପ□ାୟତ ଅଧୀନ କେନ୍ଦୁଭଦଳି ଗ୍ରାମର ପରମଆରାଧ୍ୟ ବାବା ବ୍ରଜକେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ଦିନ ଧରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ବୁଧବାର ସକାଳେ ସୁକାନ୍ତ କୁମାର ଦାସ,ଗୟାଧର ଦାସ,ଗଦାଧର ଦାସ ଓ ଗଙ୍ଗାଧର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା ମନ୍ଦିର ପୋଖରୀରୁ ବାହାରି ଯଜ୍ଞ ମଣ୍ଡପରେ ପହ□ିଥିଲା । ଅଧିବାସ ପରେ ସଂଧ୍ୟାରେ କଟକ ତେଲେଙ୍ଗାପେଣ୍ଠରୁ ଆସିଥିବା ଲବଣୀଧାରା ଭଜନ ସନ୍ଧ୍ୟା ପକ୍ଷରୁ ନୂଆପୁରୁଣା ଭଜନ ଭକ୍ତଙ୍କୁ ଆନନ୍ଦିତ କରିଥିଲା । ଗୁରୁବାର ଓ ଶୁକ୍ରବାର ୨ଦିନଧରି ମୁଖ୍ୟ କ□ା ଗୌରଚନ୍ଦ୍ର ପାଠୀ ଓ ସହଯୋଗୀ ପଣ୍ଡିତ ଦୀନବନ୍ଧୁ





ପାଣି,ନରସିଂହ ପାଣି,କେଶବ ପାଣି ଓ ସୁଧାଂଶୁ ପାଣିଗ୍ରାହୀ ପ୍ରମୁଖଙ୍କ ଦ୍ୱାରା ବ୍ରଜକେଶ୍ୱରଙ୍କ ଜଳାଭିଷେକ ସହ ଯଜ୍ଞାଦି କର୍ମର ଆୟୋଜନ କରାଯାଇଥିଲା । ଗୁରୁବାର ସନ୍ଧ୍ୟାରେ ଜିତୁ ଦାଶଙ୍କ ଭାବଗର୍ଭକ ଈଶ୍ୱରବାଣୀ ଓ ଶୁକ୍ରବାର ସଂଧ୍ୟାରେ ସୁନାମଧନ୍ୟ ଗାୟକ ରବିନ୍ଦ୍ର ଓ ଗାୟିକା ମାନସୀଙ୍କ ସୁମଧୁର ଭଜନ ଦର୍ଶକଙ୍କୁ ବାନ୍ଧି ରଖିବା ଭଳିଥିଲା । ହିମାଂଶୁ ଶେଖର ଦାସ,ସୁଜିତ କୁମାର ଦାସ,ମାନସ ଦାସ,ଅଭିଜିତ ଦାସ,ଆଲୋକ ମହାନ୍ତି,ରଶ୍ମିତା ଦାସ,କରିସ୍ମା ଦାସ,ମନିଶା ଦାସ,ଗିରିବାଳା ଦାସ,ସମର୍ପିତା ଦାସ,କିରଣବାଳା ଦାସ,ସ୍ମୃତିବାଳା ଦାସ ଓ ବିଶ୍ୱଶ୍ରୀ ଦାସ ଙ୍କ ସମେତ କେନ୍ଦୁଭଦଳି ଗ୍ରାମର ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।ଫଟୋ-ଖଇରା୧-ଶୁକ୍ରବାର ସଂଧ୍ୟାରେ ମାନସୀ ଓ ରବିନ୍ଦ୍ରଙ୍କ ଭଜନ ସଂଧ୍ୟା କାର୍ଯ୍ୟକ୍ରମ

# ୫୯ତମ କେରଙ୍ଗ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦଘାଟିତ

ଖୋର୍ଦ୍ଧା: ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଇଦଗାହ ପରିସରରେ ୫୯ତମ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦଘାଟିତ ହୋଇଛି । ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ସୈଫୁର ଅହମଦ ପୌରୋହିତ୍ୟ କରିଥିଲେ । ମହିୟା ମୁସଲିମ ଧ୍ୱଜାରୋହଣ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ପବିତ୍ର କୋରାନ ପାଠ ମୌଲାନା ନୁରୁଲ ହକ ଖାନ କରିଥିବା ବେଳେ ଏହାର ଓଡିଆ ଅନୁବାଦ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ଯୁବ ସଭାପତି ସୋଲେମାନ ଅହମଦ ପଢି ଶୁଣାଇଥିଲେ । ଉର୍ଦ୍ଦୁ ନଜମ ସଂଗୀତ ଇସରାଇଲ ଖାଁ ପରିବେଷଣ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୁବନେଶ୍ୱରର ମୌଲାନା ହଲିମ ଖାଁ ଈଶ୍ୱଙ୍କ ଅସ୍ତିତ୍ୱ ଓ ପ୍ରାଧନା ଗ୍ରହଣୀୟ ବିଷୟରେ ମତାମତ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧା ଶିଶୁ ମନ୍ଦିର ସ୍କୁଲର ମୁଖ୍ୟ ଆୟୋଜକ ଗିରିଶ କୁମାର ମହାପାତ୍ର ଯୋଗଦେଇ ମାନବର କ୍ରମଗତ ବିକାଶ ଓ ସମୃଦ୍ଧି ବିଷୟରେ ମତାମତ ରଖିଥିଲେ । ଦ୍ୱିତୀୟ ବକ୍ତା ଭାବେ ସୁଙ୍ଗୁଡାର ମୌଲାନା





ମକସୁଦ ଅଲ୍ଲି ଯୋଗଦେଇ ମହାପୁରୁଷ ମୁହମ୍ମଦଙ୍କ ଜୀବନ ଚରିତ୍ରରେ ପରିବାରଙ୍କ ସହ ଉତମ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ । ତୃତୀୟ ବକ୍ତାଭାବେ ମୌଲବି ମିର ସୁବହାନ ଅଲ୍ଲି ଇସଲାମୀୟ ନ୍ୟାୟପାଳିକା ବିଷୟରେ ଆଲୋକପାତ କରିଥିଲେ । ଓଡିଆ ନଜମ ସଂଗୀତ ସେକ ଏକରାମ ପରିବେଷଣ କରିଥିଲେ । ଚତୁର୍ଥ ବକ୍ତା ଭାବେ ଭଦ୍ରକ ଓ ଯାଜପୁର ଯୋଗଦେଇ ମୌଲାନା ଇନଚାର୍ଜ ମିର ଅବ୍ଦୁଲ ହଫାଜ ଖିଲାଫତ ବ୍ୟବସ୍ଥା ସହ ଦୃଢ ସମ୍ପର୍କ ସ୍ଥାପନ କରିବା ତଥା ତାଙ୍କର ଆଜ୍ଞାବହ ହୋଇଲେ ହିଁ ଆଧ୍ୟାତ୍ମିକତାରେ ଉନ୍ନତି ହୋଇପାରିବ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରୀୟ ଅହମଦିୟା ମୁସଲିମ ସଂଗଠନର ଉପସଚିବ ମୌଲାନା ମୁହମ୍ମଦ ଶାହାବୁଦ୍ଦିନ ଧର୍ମରେ ଆର୍ଥିକ ଅନୁଦାନ ବିଷୟରେ ମତାମତ ରଖିଥିଲେ । ସଭାପତିତ୍ୱ ଭାଷଣରେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ସୈଫୁର ଅହମଦ ଆତ୍ମ ସଂଯମତା, ଈଶ୍ୱର ଭକ୍ତି, ଅନୁତାପ, ପବିତ୍ରତା ତଥା ସମାଜରେ ଭଲ ମଣିଷଟିଏ ହେବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ବିଶ୍ୱଶାନ୍ତି ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସମ୍ମିଳନୀରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା କଟକ, ଢେଙ୍କାନାଳ, ଅନଗୁଳୁ, କେନ୍ଦ୍ରାପଡାର ସଭାପତି ମୌଲାନା ହାରୁନ ରସିଦ, ଅତିରିକ୍ତ ଇସଲାହ ଓ ଏରଶାଦର ମୁଖ୍ୟ ସଚିବ ଅତାଉଲ ମୁଜିବ ଲୋନ, କେନ୍ଦ୍ରୀୟ ଅହମଦିୟା ଓକଫେ ଜଦିଦ ବିଭାଗର ଉପସଚିବ ଟି. ଅବ୍ଦୁଲ ମୁଜିବ, କେରଙ୍ଗ ସଭାପତି ଓସିମ ଅହମଦ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ କେରଙ୍ଗର ମୌଲାନା ହଲିମ ଅହମଦ ପରିଚାଳନା କରିଥିଲେ ।

# ବାରିପଦାରେ ଧନୁର୍ବିଦ୍ୟା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ

ବାରିପଦା (ନି.ପ୍ର.) ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ ଓ କ୍ରୀଡ଼ା ପରମ୍ପରାକୁ ଆଗକୁ ନେବା ପାଇଁ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଏବଂ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ଧନୁର୍ବିଦ୍ୟା ଗ୍ରୀଷ୍ମକାଳୀନ ଶିବିରର ଶୁଭାରମ୍ଭ ହୋଇଯାଇଛି ଓ ବାରିପଦାର ବେଲଗଡ଼ିଆ ପ୍ୟାଲେସ ପରିସରରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଫାଉଣ୍ଡେସନର ଅଧକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ ସମ୍ମାନିତ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ଓ ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ



ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ ଓ ଏହି ଶିବିରରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି ଓ ଶିବିରର ପ୍ରଥମ ଦିନରେ ଅଭିଭାବକମାନଙ୍କର ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା ଓ ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ଧନୁର୍ବିଦ୍ୟା କଳାକୁ ପେଶାଦାର ସ୍ତରରେ ବିକଶିତ କରିବାରେ ଏହି ଶିବିର ସହାୟକ ହେବ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି ଓ ମୟୂରଭଞ୍ଜର ମାଟିରେ ଅନେକ ପ୍ରତିଭା ଏହିଭଳି ଶିବିର ମାଧ୍ୟମରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିପାରିବେ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ମତ ରଖିଥିଲେ ଓ ଜାତୀୟ ସ୍ତରୀୟ କୋଚ ତରଣୀସେନ ନାୟକ, ଫୁଲମଣୀ ପାଲେୟା, ହୃଷିକେଶ ମହାନ୍ତ ଫାଗୁ ଟୁଡୁ ଓ ବିଶ୍ୱଜିତ ମହାନ୍ତ ପ୍ରଶିକ୍ଷଣରେ ଏହି ଶିବିର ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଓ ଏହି ଶିବିର ଆଗାମୀ ଦିନରେ ଅଭ୍ୟାସ ଜାରି ରଖିବା ସହ ପିଲାମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି ।

# ମେ ୧୧ରୁ ଭିତର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ମଣତି



ପୁରୀ : ରତ୍ନଭଣ୍ଡାର ପୁଣି ଗଣତି ମଣତି ହେବ । ଦୀର୍ଘ ଦିନ ବ୍ୟବଧାନ ପରେ ଆସନ୍ତା ମେ ୧୧ ତାରିଖରୁ ଆରମ୍ଭ ହେବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ । ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି ମଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା । ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ଏବଂ ରବିବାର ଠାକୁରଙ୍କ ହଳଦୀ ପାଣି ନୀତି ରହିଛି । ଏଣୁ ଠାକୁରଙ୍କ ନୀତି କାନ୍ତିରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ସେଥିପାଇଁ ଗଣତି ମଣତି କାର୍ଯ୍ୟ ବନ୍ଦ ରଖାଯାଇଥିଲା । ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ଆସନ୍ତା ୧୧ ତାରିଖରୁ ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ । ପରେ ଆଉ କେଉଁ ଦିନ ଗଣତି ମଣତି କାର୍ଯ୍ୟ କରାଯିବ ସେନେଇ ସୂଚନା ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି । ପୂର୍ବରୁ ଏପ୍ରିଲ୍ ୧୪ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯାଇ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଅଳଙ୍କାରର ଗଣତି କାର୍ଯ୍ୟ ଶେଷ ହୋଇଛି । ରତ୍ନ ଅଳଙ୍କାର ଗଣତି ମଣତି ସମୟରେ ଶ୍ରୀମନ୍ଦିରର ବଣିଆ ସେବକ, ରତ୍ନ ବିଶାରଦ ଏବଂ ଆରବିଆଇ ଅଧିକାରୀ ଉପସ୍ଥିତ ରହୁଛନ୍ତି । ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ସମସ୍ତ ଗଣତିମଣତି କାର୍ଯ୍ୟ କରାଯିବା ସହ ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି ଏବଂ ଫଟୋଗ୍ରାଫି କରାଯାଉଛି ।

# ଆସନ୍ତାକାଲି ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି



ଭୁବନେଶ୍ୱର : ପ୍ରବଳ ରୌଦ୍ର ତାପ ଯୋଗୁଁ, ଆସନ୍ତା ୧୧.୦୫.୨୦୨୬ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଅବଗତ କରାଯିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି ।








# ଆଜି କର୍ଣ୍ଣାଟକ ଏବଂ ତେଲଙ୍ଗାନା ଗସ୍ତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୧୦ ମଇ, ୨୦୨୬ରେ କର୍ଣ୍ଣାଟକ ଏବଂ ତେଲଙ୍ଗାନା ଗସ୍ତ କରିବେ । ସକାଳ ପ୍ରାୟ ୧୧ଟାରେ ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁରେ 'ଦ ଆର୍ଟ ଅଫ୍ ଲିଭିଂ' ର ୪୫ତମ ବାର୍ଷିକୀ ସମାରୋହରେ ଅଂଶଗ୍ରହଣ କରିବେ ଏବଂ ଏହି ଅବସରରେ ଉପସ୍ଥିତ ଜନସଭାକୁ ସମ୍ବୋଧିତ କରିବେ । ଏହା ପରେ ପ୍ରଧାନମନ୍ତ୍ରୀ ହାଇଦ୍ରାବାଦ ଗସ୍ତ କରିବେ ଏବଂ ଅପରାହ୍ନ ପ୍ରାୟ ୩ଟାରେ ସେ ପ୍ରାୟ ୯୪୦୦ କୋଟି ଟଙ୍କା ମୂଲ୍ୟର ଏକାଧିକ ବିକାଶମୂଳକ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ, ଉଦଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ । ଅପରାହ୍ନ ପ୍ରାୟ ୩ଟା ୪୫ ମିନିଟରେ ପ୍ରଧାନମନ୍ତ୍ରୀ ହାଇଦ୍ରାବାଦର ସିନ୍ଧୁ ଡାକ୍ତରଖାନାକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ । ଗୁରୁଦେବ ଶ୍ରୀ ରବି ଶଙ୍କରଙ୍କ ଦ୍ୱାରା ୧୯୮୧ରେ ସ୍ଥାପିତ, ଆର୍ଟ ଅଫ୍ ଲିଭିଂ ୧୮୨ ଟି ଦେଶରେ ଉପସ୍ଥିତ ଏକ ବିଶ୍ୱ ସ୍ୱେଚ୍ଛାସେବୀ ପରିଚାଳିତ ମାନବିକ ଏବଂ ଶିକ୍ଷାଗତ ସଂଗଠନରେ ବିକଶିତ ହୋଇଛି । ପ୍ରଧାନମନ୍ତ୍ରୀ ଏହି ସଙ୍ଗଠନର ୪୫ତମ ବାର୍ଷିକୀ ସମାରୋହ ଏବଂ ଗୁରୁଦେବ ଶ୍ରୀ ରବିଶଙ୍କରଙ୍କ ୭୦ତମ ଜୟନ୍ତୀ



ସମାରୋହରେ ଅଂଶଗ୍ରହଣ କରିବେ । ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁର ଆର୍ଟ ଅଫ୍ ଲିଭିଂ ଇଂଟରନ୍ୟାସନାଲ ସେଂଟରରେ ନବନିର୍ମିତ ଧ୍ୟାନ ମନ୍ଦିରକୁ ମଧ୍ୟ ଉଦଘାଟନ କରିବେ, ଯାହା ଏକ ଉତ୍ସର୍ଗୀକୃତ ଧ୍ୟାନ ହଲ୍ ଯାହା ଆଭ୍ୟନ୍ତରୀଣ ଶାନ୍ତି ଏବଂ ସାମଗ୍ରିକ ସୁସ୍ଥତା ପାଇଁ ଏକ ସ୍ଥାନ ଭାବରେ ପରିକଳ୍ପନା କରାଯାଇଛି । ସେ ଆର୍ଟ୍ ଅଫ୍ ଲିଭିଂର ଦେଶବ୍ୟାପୀ ସେବା ପଦକ୍ଷେପର ମଧ୍ୟ ଶୁଭାରମ୍ଭ କରିବେ, ଯେଉଁଥିରେ ବର୍ଷବ୍ୟାପି ପ୍ରକଳ୍ପ ରହିଛି ଏବଂ ଏଥିରେ ମାନସିକ ସୁସ୍ଥତା, ଗ୍ରାମୀଣ ବିକାଶ, ପ୍ରକୃତି ସଂରକ୍ଷଣ ଏବଂ ସାମାଜିକ ପରିବର୍ତ୍ତନ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି । ପ୍ରଧାନମନ୍ତ୍ରୀ ପ୍ରାୟ ୯୪୦୦ କୋଟି ଟଙ୍କା ମୂଲ୍ୟର ଏକାଧିକ ବିକାଶ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ, ଉଦଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ପ୍ରକଳ୍ପଗୁଡ଼ିକର ସାମୂହିକ ଉଦ୍ଦେଶ୍ୟ ହେଉଛି ସଂଯୋଗୀକରଣକୁ ସୁଦୃଢ଼ କରିବା, ଲଜିଷ୍ଟିକ୍ସ ଦକ୍ଷତାରେ ଉନ୍ନତି ଆଣିବା, ସୁରକ୍ଷା ବୃଦ୍ଧି କରିବା ଏବଂ ଯାତ୍ରୀମାନଙ୍କୁ ଏକ ଉନ୍ନତ ଯାତ୍ରା ଅନୁଭୂତି ପ୍ରଦାନ କରିବା । ହାଇଦ୍ରାବାଦ-ପାନାଜୀ ଅର୍ଥନୈତିକ କରିଡରରେ ଗୁଡେବେଲୁରରୁ ମହବୁବନଗର ପର୍ଯ୍ୟନ୍ତ ଜାତୀୟ ରାଜପଥ-୧୬୭ର ଚାରି ଲେନ ବିଶିଷ୍ଟ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ମୋଟ ୩୧୭୫ କୋଟି ଟଙ୍କା ବ୍ୟୟରେ ଭିତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପ ସୁଗମ, ନିରାପଦ ଏବଂ ନିରବଚ୍ଛିନ୍ନ ଯାତାୟାତକୁ ସକ୍ଷମ କରିବ, ଯାତ୍ରା ସମୟକୁ ପ୍ରାୟ ୧ ଘଂଟା ୩୦ ମିନିଟ୍ ହ୍ରାସ କରିବ ଏବଂ ଇନ୍ଧନ ବ୍ୟବହାର ଏବଂ ଯାନ ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ କରିବ । ଏହି ରାଜପଥ ତେଲେଙ୍ଗାନା ଏବଂ କର୍ଣ୍ଣାଟକ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବ ଏବଂ ଉଭୟ ରାଜ୍ୟରେ ଶିଳ୍ପ ବିକାଶକୁ ସୁଗମ କରିବ । ଜାତୀୟ ଶିଳ୍ପ କରିଡର ବିକାଶ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ହାଇଦ୍ରାବାଦ-ନାଗପୁର ଶିଳ୍ପ କରିଡର (ଏଚ୍. ଏନ୍. ଆଇ. ସି.) ଅଧୀନରେ ବିକଶିତ ହେଉଥିବା ସାଙ୍ଗାରେଡ୍ଡି ଜିଲ୍ଲାର ଜାହିରାବାଦ ଶିଳ୍ପାଂଚଳ ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଭିତିପ୍ରସ୍ତର ସ୍ଥାପନ କରିବେ । ୩୨୪୫ ଏକର ଜମିରେ ମୋଟ ୨୩୫୦ କୋଟି ଟଙ୍କା ବ୍ୟୟରେ ବିକଶିତ ହୋଇଥିବା ଏହି ପ୍ରକଳ୍ପ ରଣନୈତିକ ଦୃଷ୍ଟିରୁ ଜାତୀୟ ରାଜପଥ-୬୫ ନିକଟରେ ଅବସ୍ଥିତ ଏବଂ ଏହା ପ୍ରମୁଖ ସହର, ବନ୍ଦର, ରେଳ ନେଟୱାର୍କ ଏବଂ ବିମାନବନ୍ଦରକୁ ନିରବଚ୍ଛିନ୍ନ ବହୁମୁଖୀ ସଂଯୋଗ ପ୍ରଦାନ କରିବ ।ଏକ ସ୍ମାର୍ଟ ସମନ୍ୱିତ ଶିଳ୍ପ ଟାଉନସିପ୍ ଭାବରେ ପରିକଳ୍ପିତ, ଜାହିରାବାଦ ଶିଳ୍ପାଂଚଳ ଉନ୍ନତ ଏବଂ ସ୍ଥାୟୀ ଭିତିଭୂମି ପ୍ରଦାନ କରିବ ଏବଂ ପରବର୍ତ୍ତୀ ପିଢ଼ିର ଶିଳ୍ପକୁ ସମର୍ଥନ କରିବ । ଚିହ୍ନଟ କରାଯାଇଥିବା ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ ଅଟୋମୋବାଇଲ, ଖାଦ୍ୟ ପ୍ରକ୍ରିୟାକରଣ, ଯନ୍ତ୍ରପାତି, ଧାତୁ ଏବଂ ବୈଦ୍ୟୁତିକ ଉପକରଣ ଆଦି ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ପ୍ରାୟ ୧୦,୦୦୦ କୋଟି ଟଙ୍କାର ନିବେଶ ଆକୃଷ୍ଟ କରିବ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ଆଂଚଳିକ ଆର୍ଥିକ ଅଭିବୃଦ୍ଧିରେ ଉଲ୍ଲେଖନୀୟ ଯୋଗଦାନ ଦେବ । ପ୍ରଧାନମନ୍ତ୍ରୀ ୱାରାଙ୍ଗଲରେ ପିଏମ ମିତ୍ର ପାର୍କକୁ ଉଦଘାଟନ କରିବେ, ଯାହାକୁ କାକତୀୟ ମେଗା ଟେକ୍ସଟାଇଲ୍ ପାର୍କ ମଧ୍ୟ କୁହାଯାଏ, ଯାହାକୁ ପିଏମ ମିତ୍ର ଯୋଜନା ଅଧୀନରେ ବିକଶିତ କରାଯାଇଛି । ଆନୁମାନିକ ୧୭୦୦ କୋଟି ଟଙ୍କା ବ୍ୟୟରେ ବିକଶିତ, ଏହା ଭାରତର ପ୍ରଥମ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପିଏମ ମିତ୍ର ପାର୍କ ଏବଂ ଭାରତ ସରକାରଙ୍କ ୫ଏଫ ଦୃଷ୍ଟିକୋଣ-ଫାର୍ମ ଟୁ ଫାଇବର ଟୁ ଫ୍ୟାକ୍ଟ୍ରି ଟୁ ଫ୍ୟାଶନ ଟୁ ଫରେନକୁ କାର୍ଯ୍ୟକାରୀ କରୁଛି । ପ୍ରସ୍ତାବିତ ନାଗପୁର-ବିଜୟୱାଡା ଗ୍ରୀନଫିଲ୍ଡ ଏକ୍ସପ୍ରେସୱେ (ଏନ୍. ଏଚ୍.-୧୬୩ଜି) ନିକଟରେ ଏବଂ ଏନ୍. ଏଚ୍.-୧୬୩ ନିକଟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଏହି ପାର୍କ ପ୍ରମୁଖ ରେଳ ନେଟୱାର୍କ ଏବଂ ସାମୁଦ୍ରିକ ବନ୍ଦରକୁ ଉତ୍କୃଷ୍ଟ ବହୁମୁଖୀ ସଂଯୋଗ ପ୍ରଦାନ କରିଥାଏ ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସମ୍ବଲପୁର - ଝାରସୁଗୁଡ଼ା ରୋଡ୍ ସେକ୍ସନ ନିରୀକ୍ଷଣ



ଭୁବନେଶ୍ୱର : ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ସମ୍ବଲପୁର - ଝାରସୁଗୁଡ଼ା ରୋଡ ସେକ୍ସନକୁ ବିସ୍ତୃତ ଭାବେ ନୀରିକ୍ଷଣ କରିଛନ୍ତି । ଏହି ନୀରିକ୍ଷଣ ସମୟରେ ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା । ନୀରିକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ମହାପ୍ରବନ୍ଧକ ମଧ୍ୟ ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିର୍ଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି । ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ । ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି । ମହାପ୍ରବନ୍ଧକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣରେ ଉନ୍ନତି ଆଣିବାରେ ସେମାନଙ୍କର ମହତ୍ୱକୁ ଦର୍ଶାଇଛନ୍ତି । ମହାପ୍ରବନ୍ଧକଙ୍କ ନୀରିକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ପ୍ରକଳ୍ପ ସମୟସୀମା ଏବଂ ନିରାପତା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନାରେ ସହଯୋଗ କରିଥିଲେ ।

# ସାମାଜିକ ସୁରକ୍ଷା କଭରେଜ୍ ପ୍ରଦାନ କ୍ଷେତ୍ରରେ ତିନି ଜନସୁରକ୍ଷା ସ୍କିମ ର ୧୧ ବର୍ଷ ପୂରଣ

## ୩୦ ଏପ୍ରିଲ ସୁଦ୍ଧା, ଅଟଳ ପେନସନ ଯୋଜନା ଯୋଜନାରେ ୯.୦୪ କୋଟିରୁ ଅଧିକ ବ୍ୟକ୍ତି ପଞ୍ଜୀକରଣ କରିଛନ୍ତି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୯ ମଇ ୨୦୧୫ରେ ଆରମ୍ଭ ହୋଇଥିବା ତିନି ଜନ ସୁରକ୍ଷା ଯୋଜନା - ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମଜେଜେବିୱାଇ), ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପିଏମଏସବିୱାଇ), ଏବଂ ଅଟଳ ପେନସନ ଯୋଜନା (ଏପିୱାଇ) ସବୁ ନାଗରିକଙ୍କୁ, ବିଶେଷକରି ସମାଜର ଅବହେଳିତ ଏବଂ ଦୁର୍ବଳ ବର୍ଗକୁ ସୁଲଭ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ପରିକଳ୍ପନା କରାଯାଇଥିଲା । ଏହି ପ୍ରମୁଖ ଯୋଜନାଗୁଡ଼ିକ ଜୀବନର ଅନିର୍ଶ୍ଚିତତା ବିରୁଦ୍ଧରେ ନାଗରିକମାନଙ୍କୁ ସୁରକ୍ଷା ଦେବା ସହ ଏବଂ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାକୁ ପ୍ରୋତ୍ସାହିତ କରି ବୀମା ଏବଂ ପେନସନ ପ୍ରେକ୍ଷାପଟ୍ଟର ବିସ୍ତାର କରିବା ଲକ୍ଷ୍ୟ ରଖିଛି ।ଏ ସମ୍ପର୍କରେ




ସୂଚନା ଦେଇଛନ୍ତି ଯେ ପିଏମଜେଜେବିୱାଇ, ପିଏମଏସବିୱାଇ ଏବଂ ଏପିୱାଇ ଅଧୀନରେ ଯଥାକ୍ରମେ ୨୭ କୋଟି, ୫୮ କୋଟି ଏବଂ ୯ କୋଟିରୁ ଅଧିକ ପଞ୍ଜୀକରଣ ହୋଇଛି । ... ସମୟରେ, ମୁଁ ସମସ୍ତ ଅଂଶୀଦାରଙ୍କୁ, ବିଶେଷକରି ବ୍ୟାଙ୍କ ଏବଂ ବୀମା କମ୍ପାନୀର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ମୋର ହୃଦୟର ସହିତ କୃତଜ୍ଞତା ଜଣାଉଛି । ସେମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏହି ଯୋଜନାଗୁଡ଼ିକୁ ଏକ ବଡ଼ ସଫଳତା ଆଣିଦେଇଛି' । ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, 'ଏହି ଯୋଜନାଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଗରିବରୁ ଅତିଗରିବ ଲୋକଙ୍କୁ ବୀମା କଭରେଜ୍ ଏବଂ ପେନସନ୍ ସହାୟତା ପ୍ରଦାନ କରିବା । ଏହି ଯୋଜନାଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ପଞ୍ଜୀକରଣ ଏବଂ ଦାବିର ଡିଜିଟାଇଜେସନ୍ ଏବଂ ସରଳୀକରଣ ଉପରେ ରହିଛି । ଅନଲାଇନ୍ ଜନ ସୁରକ୍ଷା ପୋର୍ଟାଲର ଶୁଭାରମ୍ଭ ନାଗରିକମାନଙ୍କୁ ବ୍ୟାଙ୍କ ଶାଖା କିମ୍ବା ଡାକଘରକୁ ନଯାଇ ସୁବିଧାଜନକ ଭାବରେ ପଞ୍ଜୀକରଣ କରିବା ସମ୍ଭବ କରିଛି । ଦାବି ପ୍ରକ୍ରିୟାର ଡିଜିଟାଇଜେସନ୍ ଦ୍ରୁତ ସମାଧାନ ସୁନିଶ୍ଚିତ କରିଛି, ଯାହା ଶୋକସନ୍ତପ୍ତ ପରିବାରକୁ ଜରୁରୀ ଆବଶ୍ୟକତା ସମୟରେ ସମୟୋଚିତ ସହାୟତା ପ୍ରଦାନ କରିଥାଏ ।' ଏସବୁ ଜନସୁରକ୍ଷା ଯୋଜନାର ୧୧ତମ ବାର୍ଷିକୀ ପାଳନ ଅବସରରେ ଆସନ୍ତୁ ଜାଣିବା କିପରି ଏଗୁଡ଼ିକ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ବୀମା ଓ ସାମାଜିକ ସୁରକ୍ଷା ପ୍ରଦାନ କରୁଛନ୍ତି, ଏଗୁଡ଼ିକର ବୈଶିଷ୍ଟ୍ୟ ଓ ସଫଳତା ସମ୍ପର୍କରେ..୧. ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ପ୍ରତ୍ୟେକ ଦିନ ୨ ଟଙ୍କାରୁ କମ୍ ପ୍ରିମିୟମ୍ରେ ଯେକୌଣସି କାରଣରୁ ମୃତ୍ୟୁ ପାଇଁ ଜୀବନ ବୀମା କଭରେଜ୍ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି ।

# ଆଇପିଏଲ-୨୦୨୬ : ରାଜସ୍ଥାନକୁ ୨୩୦ ରନ୍‌ର ବିଜୟ ଲକ୍ଷ୍ୟ ଦେଲା ଗୁଜରାଟ

ଜୟପୁର: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୨ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଏବଂ ଗୁଜରାଟ ଟାଇଟନ୍ସ ମୁହାଁମୁହିଁ ହୋଇଛନ୍ତି । ଜୟପୁରସ୍ଥିତ ସୱାଇ ମାନସିଂହ ଷ୍ଟାଡିୟମରେ ଆୟୋଜିତ ଏହି ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ ହରାଇ ୨୨୯ ରନ୍ କରିଛି । ଫଳରେ ଏହି ମ୍ୟାଚ୍ ବିଜୟ ପାଇଁ ରାଜସ୍ଥାନକୁ ୨୩୦ ରନ୍‌ର ଲକ୍ଷ୍ୟ ମିଳିଛି । ଗୁଜରାଟର ପ୍ରାରମ୍ଭିକ ବ୍ୟାଟିଂ ଶକ୍ତିଶାଳୀ ଥିଲା । ପ୍ରାରମ୍ଭିକ ବ୍ୟାଟର ସାଇ ସୁଦର୍ଶନ ଏବଂ ଶୁବମନ ଗିଲ୍ ଶତକୀୟ ଭାଗିଦାରୀ କରିଥିଲେ । ସେମାନେ ୬୫ଟି ବଲ୍ ଖେଳି ୧୧୮ ରନ୍ ସଂଗ୍ରହ କରିଥିଲେ । ତେବେ ରାଜସ୍ଥାନର ପ୍ରଥମ ଶିକାର ହୋଇଥିଲେ ସୁଦର୍ଶନ । ସେ ୩୬ଟି ବଲ୍ ଖେଳି ୫୫ ରନ୍ ସଂଗ୍ରହ କରିଥିଲେ,



ଯେଉଁଥିରେ ୬ଟି ଚୌକା ଏବଂ ୨ଟି ଚୌକା ସାମିଲ ଥିଲା । ଅଧିନାୟକ ଶୁବମନ ଗିଲ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ୪୪ଟି ବଲ୍ ଖେଳି ୯ଟି ଚୌକା ଏବଂ ୩ଟି ଛକା ବଳରେ ୮୪ ରନ୍ ସଂଗ୍ରହ କରିଥିଲେ । ବଟଲରଙ୍କ ସହିତ ୩୨ ରନ୍‌ର ଭାଗିଦାରୀ କରିଥିଲେ । ଜୋସ୍ ବଟଲର ଆଉଟ୍ ହେବା ପୂର୍ବରୁ ୧୩ ରନ୍ ସଂଗ୍ରହ କରିଥିଲେ । ସେ ୧୦ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ଜେସନ ହୋଲ୍‌ଡରଙ୍କ ବ୍ୟାଟରୁ ୭ ରନ୍ ମିଳିଥିଲା । ୱାସିଂଟନ୍ ସୁନ୍ଦର ଅପରାଜିତ ୩୭ ରନ୍ କରିଥିଲେ ।

# ବାଲେଶ୍ୱର ମହିଳା କଲେଜରେ ୭ ଦିନିଆ ଗ୍ରୀଷ୍ମକାଳୀନ ସ୍ୱେଚ୍ଛାସେବୀ ସେବା ଶିବିର ଉଦ୍‌ଯାପିତ

ବାଲେଶ୍ୱର : ବାଲେଶ୍ୱର ମହିଳା କଲେଜରେ ଆୟୋଜିତ ୭ ଦିନିଆ ଗ୍ରୀଷ୍ମକାଳୀନ ଏନଏସଏସ



ସ୍ୱେଚ୍ଛାସେବୀ ସେବା ଶିବିର ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ ସଚେତନତା, ପରିବେଶ ସୁରକ୍ଷା, ସ୍ୱଚ୍ଛତା ଓ ସେବାମୂଳକ କାର୍ଯ୍ୟକ୍ରମ ସହ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ସଭାରେ ଜିଲ୍ଲା ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ତଥା Fakir Mohan University ର ଅଧ୍ୟାପକ ଇଞ୍ଜଙ୍କକ୍ଷଛବ କଙ୍କଞ୍ଜବକ୍ସ ଇମକ୍ଷବକ୍ସଛବ ଏବଂ ଜିଲ୍ଲା ଏନଏସଏସ ନୋଡାଲ ଅଧିକାରୀ ତଥା Fakir Mohan College ର ଅଧ୍ୟାପିକା Pratima Pradhan ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ସେମାନେ ସ୍ୱେଚ୍ଛାସେବୀମାନଙ୍କ ସାମାଜିକ ଦାୟିତ୍ୱବୋଧ ଓ ସେବା ମନୋଭାବକୁ ଆହୁରି ସୁଦୃଢ଼ କରିବା ପାଇଁ ଆହ୍ୱାନ ଜଣାଇଥିଲେ । କଲେଜର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ନାୟକ ସଭାରେ ସଭାପତିତ୍ୱ କରିଥିଲେ । ସେ ୭ ଦିନ ଧରି ଶିବିରଟି ସୁରୁଖୁରୁରେ ସମ୍ପନ୍ନ ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ସମସ୍ତ ସ୍ୱେଚ୍ଛାସେବୀଙ୍କ ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିଥିଲେ । ଏନଏସଏସ କାର୍ଯ୍ୟକ୍ରମ ଅଧିକାରିଣୀ ଡକ୍ଟର ପୂଜାରାଣୀ ପରିଡ଼ା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଭା ଶେଷରେ ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ବଂଟନ କରାଯାଇଥିଲା । ଓଡ଼ିଆ ବିଭାଗର ଅଧ୍ୟାପିକା ରଶ୍ମିରେଖା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରକୁ ସଫଳ କରିବାରେ କଲେଜର ପ୍ରଶାସନିକ ଅଧିକାରୀ ଚିତରଞ୍ଜନ ସାନ୍ତରା, ପୂର୍ବତନ ଏନଏସଏସ କାର୍ଯ୍ୟକ୍ରମ ଅଧିକାରିଣୀ ରୋକିଆ ଜମାଲ, ଯୁବ ରେଡକ୍ରସ ପରାମର୍ଶଦାତ୍ରୀ ମାୟାବତୀ ମଲ୍ଲିକ ଓ ଚମ୍ପାବତୀ କିସ୍କୁଙ୍କ ସହ ରଶ୍ମିରେଖା ସାମନ୍ତରାୟ, ଡକ୍ଟର ମୋନାଲିସା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ

# ଜାତୀୟ ପଂଚାୟତ ପୁରସ୍କାର ୨୦୨୫ ଘୋଷଣା

## ଓଡ଼ିଶା ୫ଟି ବର୍ଗରେ ପାଇବ ପୁରସ୍କାର

ନୂଆଦିଲ୍ଲୀ : ଭାରତ ସରକାରଙ୍କ ପଂଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଂଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି । ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ଦେଶର ୪୨ଟି ପଂଚାୟତକୁ ମନୋନୀତ କରାଯାଇଛି । ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ପୁରସ୍କାର ବିତରଣ କରାଯିବ । ୯ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମନୋନୀତ ପଂଚାୟତଗୁଡ଼ିକୁ ଦୀନଦୟାଲ ଉପାଧ୍ୟାୟ ପଂଚାୟତ ବିକାଶ ପୁରସ୍କାର ଦିଆଯିବ । ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ୩୪ଟି ପଂଚାୟତକୁ ତିନୋଟି ବର୍ଗରେ ଏହି ପୁରସ୍କାର ଦିଆଯିବ । ସେହିପରି ଶ୍ରେଷ୍ଠ ଜିଲ୍ଲା ପଂଚାୟତ, ଶ୍ରେଷ୍ଠ ବ୍ଲକ୍ ପଂଚାୟତ ଏବଂ ଶ୍ରେଷ୍ଠ ଗ୍ରାମ ପଂଚାୟତ ବର୍ଗରେ ନାନାଜୀ ଦେଶମୁଖ ସର୍ବୋତମ ପଂଚାୟତ ସତତ ବିକାଶ ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ବିଜେତା ପଂଚାୟତଗୁଡ଼ିକୁ ପୁରସ୍କାର ରାଶି ସ୍ୱରୂପ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ କରାଯିବ । ଜାତୀୟ ପଂଚାୟତ ପୁରସ୍କାରରେ କର୍ଣ୍ଣାଟକ ସର୍ବାଧିକ ୬ଟି ପୁରସ୍କାର ପାଇବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ୫ଟି ଲେଖାଏଁ ବର୍ଗରେ ପୁରସ୍କୃତ ହେବେ । ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ପୋଟଲମପୁର ପଂଚାୟତ ସୁସ୍ଥ ପଂଚାୟତ ଭାବେ ପୁରସ୍କୃତ ହେବାକୁ ମନୋନିତ ହୋଇଛି । ଏହି ପଂଚାୟତକୁ ତୃତୀୟ ବର୍ଗରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ । ଜଳ ସ୍ୱଚ୍ଛଳତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ପଂଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ । ସ୍ୱଚ୍ଛ ଏବଂ ସବୁଜ ପଂଚାୟତ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକର ହାତୀବନ୍ଧ ପଂଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ମିଳିବ । ଅନ୍ୟପଟେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ପଂଚାୟତ ସାମାଜିକ ନ୍ୟାୟ ଏବଂ ସାମାଜିକ ଦୃଷ୍ଟିରୁ ସୁରକ୍ଷିତ ପଂଚାୟତ ଭାବେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ପଂଚାୟତକୁ ମଧ୍ୟ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ । ଶ୍ରେଷ୍ଠ ଜିଲ୍ଲା ପଂଚାୟତ ବର୍ଗରେ ଗଞ୍ଜାମ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ପୁରସ୍କାର ବାବଦରେ ଗଞ୍ଜାମକୁ ୩ କୋଟି ଟଙ୍କାର ପୁରସ୍କାର ମିଳିବ ।

# ଆଇଏସଏଲ୍ : ଦିଲ୍ଲୀକୁ ୨-୧ ଗୋଲ୍‌ରେ ହରାଇଲା ଓଡ଼ିଶା



ନୂଆଦିଲ୍ଲୀ: ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସଏଲ୍)ରେ ଓଡ଼ିଶା ଏଫସି ୨-୧ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ପରାସ୍ତ କରି ବହୁପ୍ରତୀକ୍ଷିତ ବିଜୟ ହାସଲ କରିଛି । ନୂଆଦିଲ୍ଲୀରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପକ୍ଷରୁ ଭିପି ସୁହେର ଚତୁର୍ଥ ମିନିଟ୍‌ରେ ଓ କେ. ଲାଲରିନ୍‌ଫେଲା ୧୩ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ । ତେବେ ମ୍ୟାଚ୍‌ର ୭୪ତମ ମିନିଟ୍‌ରେ ଦିଲ୍ଲୀର ମାତିଜା ବାବୋଭିକ୍ ଗୋଟିଏ ଗୋଲ୍ ଦେଇ ବ୍ୟବଧାନକୁ କିଛିଟା ହ୍ରାସ କରିଥିଲେ । ମ୍ୟାଚ୍‌ର ପରବର୍ତ୍ତୀ ସମୟରେ ଦିଲ୍ଲୀ ପକ୍ଷରୁ ଘନ ଘନ ଆକ୍ରମଣ କରାଯାଇଥିଲେ ବି ଆଉ କୌଣସି ଗୋଲ୍ ଦେଇପାରିନଥିଲେ । ଓଡ଼ିଶା ନିଜର ପୂର୍ବ ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫସି ସହ ମ୍ୟାଚ୍ ଡ୍ର କରିଥିଲା । ଏହି ବିଜୟ ସହ ଓଡ଼ିଶା ୧୧ ମ୍ୟାଚ୍‌ରୁ ୨ ବିଜୟ, ୫ ପରାଜୟ ଓ ୪ ଡ୍ର ସହ ୧୦ ପଏଂଟ ପାଇ ଏକାଦଶ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ଦିଲ୍ଲୀ ୧୧ ମ୍ୟାଚ୍‌ରୁ ୨ ବିଜୟ, ୫ ପରାଜୟ ଓ ୪ ଡ୍ର ସହ ୧୦ ପଏଂଟ ପାଇ ଦଶମ ସ୍ଥାନରେ ରହିଛି । ଓଡ଼ିଶା ନିଜର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୧୬ ତାରିଖରେ ପଞ୍ଜାବ ଏଫସି ସହ ଖେଳିବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**